

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୦ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 10 MARCH 2025

Vol.No. 36 ■ No.66 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଭାରତ ଜିତିଲା ଚାମ୍ପିୟନ୍ସ ଟ୍ରଫି



ନୂଆଦିଲ୍ଲୀ, ୦୯/୩ : ସୁପର ସଣ୍ଡେରେ ସୁପର ସୋ'। ଦୁବାଇ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ହାଇଭୋଲଟେଜ୍ ମ୍ୟାଚରେ ବିଜୟ ହାସଲକରି ନ୍ୟୁଜିଲ୍ୟାଣ୍ଡକୁ ଧୂଳି ଚଟାଇଲା ଭାରତ। ଆଜିର ଏହି ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ । କିନ୍ତୁ ଭାରତୀୟ ସ୍ପିନର ଜାଲରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ୍ ଫସିଯାଇଥିଲେ । ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ବିନିମୟରେ ମାତ୍ର ୨୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଯାହାଫଳରେ ଏହି ମ୍ୟାଚ୍‌ରେ ବିଜୟ ସହ ଚମ୍ପିଆନ୍ସ ଟ୍ରଫି ହାତେଇବାକୁ ଭାରତକୁ ୫୦ ଓଭରରେ ୨୫୨ ରନ୍ ଆବଶ୍ୟକ ଥିଲା। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ । କିନ୍ତୁ,ନ୍ୟୁଜିଲାଣ୍ଡ ପାଇଁ ଏହି ନିଷ୍ପତ୍ତି ଭୁଲ ସାବ୍ୟସ୍ତ ହୋଇଥିଲା । ଯଦିଓ ଆରମ୍ଭରୁ ନ୍ୟୁଜିଲାଣ୍ଡ ଆକ୍ରମଣାତ୍ମକ ଖେଳିଥିଲା । କିନ୍ତୁ ସ୍ପିନର ବୋଲିଂ କରିବାକୁ ଆସିବା ସହ ନ୍ୟୁଜିଲାଣ୍ଡ ରନ୍ ସ୍କୋରିଂରେ ବ୍ରେକ୍ ଲାଗିଥିଲା । ଅଷ୍ଟମ ଓଭରରେ ଭାରତକୁ ପ୍ରଥମ ୱିକେଟ୍ ଦେଇଥିଲେ ବରୁଣ ଚକ୍ରବର୍ତ୍ତୀ । ମାତ୍ର ୧୫ ରନ୍‌ରେ ବରୁଣ ଚକ୍ରବର୍ତ୍ତୀଙ୍କ ଚକ୍ରବିହ୍ୟୁରେ ଫସିଥିଲେ ୟଙ୍ଗ୍ । ଏହାପରେ ଭାରତୀୟ ସ୍ପିନର ନ୍ୟୁଜିଲାଣ୍ଡର ଜଣଙ୍କ ପରେ ଜଣେ ବ୍ୟାଟ୍ସମ୍ୟାନ୍‌ଙ୍କୁ ପାଭିଲିୟନ୍ ପଠାଇଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ସର୍ବାଧିକ ୬୩ ରନ୍ କରିଥିଲେ । ୨୫୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଟିମ୍ ଇଣ୍ଡିଆର ଦୁଇ ଓପନର ଶୁଭମନ ଗିଲ୍ ଓ ରୋହିତ ଶର୍ମା। ହିଟମ୍ୟାନ ରୋହିତ ପୁଣିଥରେ କମାଲ କରିଥିଲେ। ଗିଲ୍ ୩୧ ରନ୍ ସଂଗ୍ରହକରି ଆଉଟ୍ ହୋଇଥିଲେ । ବିରାଟ କୋହଲି ଫ୍ଲପ୍ ହେବା ସହ ମାତ୍ର ୧ ରନ୍ ସଂଗ୍ରହକରି ଆଉଟ୍ ହୋଇଥିଲେ । ଏହାପରେ ରୋହିତ ମଧ୍ୟ ୭୬ ରନ୍ ସଂଗ୍ରହକରି ଆଉଟ୍ ହୋଇଥିଲେ। ଏହି ଦମଦାର ମ୍ୟାଚରେ ଆୟର ଏବଂ ଅକ୍ଷର ପଟେଲ ଯଥାକ୍ରମେ ୪୮ ଏବଂ ୨୯ ରନ୍ ସଂଗ୍ରହ କରିଥିଲେ। ପରେ କେଏଲ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଧୁଆଁଧାର ବ୍ୟାଟିଂ କରିଥିଲେ। ପରେ ହାର୍ଦ୍ଦିକ ଆଉଟ ହୋଇଥିଲେ। ପରେ ଜାଡେଜା ୪ ମାରି ଭାରତକୁ ବିଜୟ ଆଣିଦେଇଥିଲେ। ଭାରତ ୪ ୱିକେଟ୍‌ରେ ବିଜୟ ଲାଭ କରିଥିଲା। ତେବେ ଭାରତ ୨୫୨ ରନ୍ ବିଜୟ ଲକ୍ଷ୍ୟକୁ ହାସଲ କରି ପ୍ରଥମ ଦଳ ଭାବେ ତୃତୀୟ ଥର ଆଇସିସି ଚାମ୍ପିଆନ୍ସ ଟ୍ରଫିରେ ବିଜୟ ହାସଲ କରିଛି।

# ପୂର୍ବତନ ମନ୍ତ୍ରୀ ଓ ବିଜେଡି ନେତା ଅନନ୍ତ ଦାସଙ୍କ ବିୟୋଗ



ଭୁବନେଶ୍ୱର , ୦୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅନନ୍ତ ଦାସଙ୍କର ରବିବାର ଭୋର ସମୟରେ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ବିୟୋଗ ହୋଇଛି। ସେ ୮୫ ବର୍ଷ ବୟସର ଥିଲେ ଏବଂ ପାରିବାରିକ ସୂତ୍ର ମୁତାବକ, ସେ ଦୀର୍ଘଦିନରୁ ଅସୁସ୍ଥ ଥିଲେ । ଅନନ୍ତ ଦାସ ୪ଥର ବିଧାୟକ ଥିଲେ । ସେ ଭୋଗରାଇ ବିଧାନସଭା କ୍ଷେତ୍ରର ପ୍ରତିନିଧିତ୍ୱ କରିଥିଲେ ଏବଂ ୨୦୦୪, ୨୦୦୯, ୨୦୨୪ ଓ ୨୦୧୯ରେ ଚାରିଥର ବିଜେଡି ପ୍ରାର୍ଥୀ ଭାବେ ଓଡ଼ିଶା ବିଧାନସଭାରେ ନିର୍ବାଚନ ଜିତିଥିଲେ । ସେ ନବୀନ ପଟ୍ଟନାୟକଙ୍କ ସରକାରରେ ଶିକ୍ଷ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସରକାରଙ୍କ ମୁଖ୍ୟ ସଚେତକ ଓ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ । ୧୯୪୦ ମସିହା ଅଗଷ୍ଟ ୨୮ରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର କୁରୁଡିୟା ଗାଁରେ ଜନ୍ମ ହୋଇଥିବା ଅନନ୍ତ ଦାସ ତାଙ୍କ ଅଂଚଳ ତଥା ରାଜ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ । 'ଧ୍ୱନି ପ୍ରତିଧ୍ୱନି' ପକ୍ଷରୁ ତାଙ୍କୁ ୨୦୨୩ରେ ତାଙ୍କୁ 'ବାଲେଶ୍ୱର ବରପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ଧ୍ୱନି ପ୍ରତିଧ୍ୱନି ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ବିଭିନ୍ନ ଦଳର ନେତାମାନେ ମଧ୍ୟ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଅନନ୍ତ ଦାସଙ୍କ ପରଲୋକରେ ରାଷ୍ଟ୍ରପତିଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର , ୦୯/୩ (ନି.ପ୍ର): ଅନନ୍ତ ଦାସଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ରାଷ୍ଟ୍ରପତି କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ଅନନ୍ତ ଦାସଙ୍କ ପରଲୋକରେ ମୁଁ ମର୍ମାହତ। ସେ ଜଣେ ସମର୍ପିତ ଜନସେବକ ଥିଲେ । ଓଡ଼ିଶାବାସୀଙ୍କ କଲ୍ୟାଣ ନିମନ୍ତେ ସେ ଅନେକ କାର୍ଯ୍ୟ କରିଯାଇଛନ୍ତି । ସ୍ୱର୍ଗତ ଦାସଙ୍କ ଶୋକସନ୍ତପ୍ତ ପରିବାର, ବନ୍ଧୁପରିଜନ ଓ ଅନୁରାଗୀମାନଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ରାଷ୍ଟ୍ରପତି ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଦାସ ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ଦକ୍ଷ ସଂଗଠକ ଅଭିଜ୍ଞ ପ୍ରଶାସକ ଥିଲେ ଓ ଲୋକପ୍ରିୟ ରାଜନେତା ଥିଲେ। ଓଡିଶା ସରକାରର ମନ୍ତ୍ରୀ ଭାବରେ ସେ ଶିକ୍ଷ, ଉଚ୍ଚଶିକ୍ଷା ପରି ଗୁରୁତ୍ୱ ପୂର୍ଣ୍ଣ ବିଭାଗ ର ମନ୍ତ୍ରୀ ଭାବରେ କାର୍ଯ୍ୟ କରି ରାଜ୍ୟ ର ବିକାଶ ରେ ଉଲ୍ଲେଖନୀୟ ଯୋଗଦାନ ରଖିଯାଇଛନ୍ତି। ପରଲୋକ ଗତ ଆତ୍ମାର ସଦଗତି କାମନା କରିବା ସହିତ ଶ୍ରୀ ପଟନାୟକ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଶୋକ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ଲୋକ ପ୍ରିୟ ଜନ ନେତା ଓ ଦକ୍ଷ ପ୍ରଶାସକ ଥିଲେ। ମନ୍ତ୍ରୀ ଓ ବିଧାୟକ ଭାବେ ସେ ରାଜ୍ୟର ଓ ବାଲେଶ୍ୱର ଅଂଚଳର ବିକାଶ ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ଯାଇଛନ୍ତି। ତାଙ୍କ ବିୟୋଗ ଯୋଗୁ ରାଜ୍ୟ ଜଣେ ଅମାୟିକ ଜନ ସେବକଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଧର୍ମେନ୍ଦ୍ରଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇର ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜନପ୍ରତିନିଧି ଭାବରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି । ରାଜ୍ୟ ରାଜନୀତିକୁ ତାଙ୍କର ଯୋଗଦାନ ଚିର ସ୍ମରଣୀୟ ହୋଇରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## ବାଚସ୍ପତି ସୁରମା ପାଢ଼ୀଙ୍କ ଶୋକ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ଅନନ୍ତ ଦାଶଙ୍କ ବିୟୋଗରେ ବାଚସ୍ପତି ସୁରମା ପାଢ଼ୀ ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ବାଚସ୍ପତି କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ବିୟୋଗ ଖବର ପାଇ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ଭୋଗରାଇ ତଥା ବାଲେଶ୍ୱର ଅଂଚଳର ସାମୁହିକ ଉନ୍ନତିରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ । ସେ ଜଣେ ଲୋକପ୍ରିୟ ରାଜନେତା ଥିଲେ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ବାଚସ୍ପତି ସୁରମା ପାଢ଼ୀ ।

## ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଶୋକ

ଭୁବନେଶ୍ୱର, ୦୯/୩ (ନି.ପ୍ର): ପ୍ରଶାସନିକ ଅଧିକାରୀ ରୁ ରାଜନେତା ହୋଇଥିବା ଅନନ୍ତ ବାବୁ ରାଜନୀତି କ୍ଷେତ୍ରରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ତାଙ୍କ ବିୟୋଗରେ ଭୁବନେଶ୍ୱର ଠାରୁ ଭୋଗରାଇ ଯାଏ ଶୋକର ଛାୟା ଖେଳି ଯାଇଛି । ତାଙ୍କ ସହିତ ଦୀର୍ଘଦିନର ରାଜନୈତିକ ସମ୍ପର୍କ । ଦଳୀୟ ରାଜନୀତିରେ ତାଙ୍କ ସହ ସବୁବେଳେ ସୁ ସମ୍ପର୍କ ଥିଲା। ତାଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ । ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କ ଆମର ଆତ୍ମାର ସଦଗତି ହେଉ। ତାଙ୍କ ପରିବାର ବର୍ଗ ଙ୍କୁ ଏ ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ ।

# ରାଜ୍ୟରେ ୨ ବର୍ଷରେ ଆଇଟି କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି



ଭୁବନେଶ୍ୱର, ୦୯/୩ (ନି.ପ୍ର): ଆଗାମୀ ଦିନରେ ଓଡ଼ିଶା ହେବ ଦେଶର ପ୍ରମୁଖ ଆଇଟି ହବ୍। ଆସନ୍ତା ୨ ବର୍ଷରେ ଆଇଟି କ୍ଷେତ୍ରରେ ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି। ଏଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ବ୍ଲୁ ପ୍ରିଣ୍ଟ। ଆଇଟି କ୍ଷେତ୍ରରେ ଅଧିକ ସଂଖ୍ୟାରେ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବାକୁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ରାଜ୍ୟ ସରକାର। ଆସିବାକୁ ଥିବା ନୂଆ ଆଇଟି ପଲିସିରେ କଂପାନୀଙ୍କୁ ବିଜୁଳି, ଅଫିସ ଭଡ଼ା ସହ ମୂଳ ପୁଞ୍ଜିରେ ବି ରିହାତି ଦେବେ। ଏହି ପଲିସି ଏବେ ଡ୍ରାଫ୍ଟ ଆକାରରେ ଥିବା ବେଳେ କେବଳ କ୍ୟାବିନେଟ୍ ମୋହର ଅପେକ୍ଷାରେ। ସିଙ୍ଗାପୁର କିମ୍ବା ମାଲେସିଆରୁ ସମୁଦ୍ର ତଳେ ଆସିବ ନେଟ୍। ପୁରୀରେ ହେବ ଡାଟା ସେଣ୍ଟର। ଆଇଟି କଂପାନୀରେ ଓଡ଼ିଶାର ଯୁବକଯୁବତୀଙ୍କ ନିଯୁକ୍ତି ପାଇଁ ମାସିକ ୨୫ ହଜାର ପ୍ରୋତ୍ସାହନ

▶▶ପୃଷ୍ଠା ୭

# ହୀରାକୁଦରେ ଆରମ୍ଭ ହେବ ଅତିରିକ୍ତ ସ୍କିଲ୍ ୱେ କାମ: ସଂପୃକ୍ତ ଅଂଚଳ ବୁଲି ଦେଖିଲେ ୯ ଜଣିଆ ଟିମ୍

ସମଲପୁର, ୦୯/୩ (ନି.ପ୍ର): ପୁଣି ଥରେ ଆରମ୍ଭ ହେବ ହୀରାକୁଦ ଡ୍ୟାମର ବାମ ଡାଇକରେ ନିର୍ମାଣାଧୀନ ଅତିରିକ୍ତ ସ୍କିଲ୍ ୱେ କାମ । ତଳମୁଣ୍ଡରେ ଧନଜୀବନ ରକ୍ଷା, ଉଦ୍ଭିଦ ଓ ଜୀବଜନ୍ତୁ ଓ ନଦୀର ସୁରକ୍ଷା ନେଇ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ୯ଜଣିଆ ଟିମ୍ ହୀରାକୁଦ ଗସ୍ତ କରି ହୀରାକୁଦ ଅତିରିକ୍ତ ସ୍ପିଲ ୱେ ଅଂଚଳ, ବିସ୍ଥାପିତ ହେବାକୁ ଥିବା ଅଂଚଳ, ସାଇଫନ ଅଂଚଳ ବୁଲିଦେଖିଛନ୍ତି । ଏଥିପାଇଁ ୮୪୪ କୋଟି ଟଙ୍କା ଲାଗିପାରେ ବୋଲି ମୁଖ୍ୟଯନ୍ତ୍ରୀ କହିଛନ୍ତି । ଏହି ଟିମରେ ସିଡବ୍ଲୁସି, ୱାଲ୍ଡ ବ୍ୟାଙ୍କର ଅଧିକାରୀ ସାମିଲ ଅଛନ୍ତି । ପୂର୍ବରୁ ଥିବା ଅତିରିକ୍ତ ସ୍କିଲ୍ ୱେ କାମ ଶେଷ ହେବ । ହୀରାକୁଦ ବାମ ପଟରେ ଅତିରିକ୍ତ ସ୍ପିଲ୍ ୱେ ନିର୍ମାଣ ହେବ । ଜଳ, ସ୍ଥଳ ଏବଂ ଆକାଶ ମାର୍ଗରେ ସର୍ଭେ କରି ଫାଟ ଓ ଅନ୍ୟ ସଙ୍କଟଜନକ ପରିସ୍ଥିତି ପାଇଁ ଚିହ୍ନଟ ତଥା ଏହାର ପୁନରୁଦ୍ଧାର ପାଇଁ ୩୨ କୋଟି ଖର୍ଚ୍ଚ କରାଯିବ । ହୀରାକୁଦ ଡ୍ୟାମର ଓ ପ୍ରସ୍ତାବିତ ଅତିରିକ୍ତ ସ୍କିଲ୍ ୱେ ଗେଟ ଗୁଡିକର ସ୍ୱୟଂଚାଳିତ ବ୍ୟବସ୍ଥା କରିବାକୁ ୧୫୦ କୋଟି ଟଙ୍କା ଅର୍ଥ ବ୍ୟୟବରାଦ ହୋଇଛି ।

## ରାଜଧାନୀରେ ଏଟିଏମ ଲୁଟେରାଙ୍କୁ ଏନକାଉଂଟର

ଭୁବନେଶ୍ୱର, ୦୯/୩ (ନି.ପ୍ର): ରାଜଧାନୀରେ ଏଟିଏମ ଲୁଟେରାଙ୍କୁ ଏନକାଉଂଟର । ଆସୁ ଆସୁ ଆକ୍ୱନ ମୋଡରେ ଡିସିପି ଜଗମୋହନ ମିନା । ଏଟିଏମ ଲୁଟେରାଙ୍କୁ ଏନକାଉଂଟର କରିଛି କମିଶନରେଟ ପୋଲିସ । ଅନ୍ତଃରାଜ୍ୟ ଲୁଟେରା ଦୀପକ କୁମାର ସ୍ପେଶାଲ ସ୍କ୍ୱାର୍ଡର ଏନକାଉଂଟରରେ ଆହତ । ଦୀପକ କୁମାର ବିହାର ଅଂଚଳର ହୋଇଥିବା ବେଳେ ଓଡିଶା ଆସି ବିଭିନ୍ନ ଏଟିଏମ ଲୁଟ କରୁଥିଲା । ବଡ଼ଗଡ଼ ଥାନା ଅଂଚଳରେ ଏକ ଏଟିଏମ ଲୁଟ ପାଇଁ ଆସିଥିବା ବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲା । ପୋଲିସକୁ ଦେଖି ପୋଲିସକୁ ଉପରକୁ ଗୁଳି ଚଳାଇଥିଲା ବେଳେ ପୋଲିସର ପାଲଟା ଏନକାଉଂଟର କରିଥିଲା । ଏନକାଉଂଟରରେ ଦୀପକର ବାମ ଗୋଡ଼ରେ ବାଜିଛି ଗୁଳି । ଗୁରୁତର ଅବସ୍ଥାରେ ଦୀପକକୁ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସରେ ଭର୍ତି କରିଛି ସ୍ପେଶାଲ ସ୍କ୍ୱାର୍ଡ । ଦୀପକ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ।

# ଜୟନାରାୟଣଙ୍କ ମନ୍ତବ୍ୟକୁ ନେଇ ରାଜନୈତିକ ଝଡ଼: ଦଳ-ସରକାରକୁ ଘେରି ବିରୋଧୀଙ୍କ ଜୋରଦାର ହମଲା



ଭୁବନେଶ୍ୱର, ୦୯/୩ (ନି.ପ୍ର): 'ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ୍'। ସରକାରୀ କାର୍ଯ୍ୟକ୍ରମ ମଂଚରେ, ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପସ୍ଥିତିରେ ପଶ୍ଚିମ ଓଡ଼ିଶା ବିଜେପିର ବଡ଼ ଚେହେରା, ବିଧାୟକ ଜୟନାରାୟଣ ମିଶ୍ରଙ୍କ ଏ ମନ୍ତବ୍ୟକୁ ନେଇ ରାଜନୈତିକ ଝଡ଼। ସମ୍ବଲପୁର ସୁଭଦ୍ରା ସଭାରେ ବିଜେପି ବିଧାୟକ ଜୟନାୟରଣଙ୍କ ଉତ୍କଳ-କୋଶଳ ମନ୍ତବ୍ୟକୁ ନେଇ ତେଜିଲା ରାଜନୈତିକ ବୟାନବାଜି। ବିରୋଧୀ ବିଜେଡି ଓ କଂଗ୍ରେସ, ଏହା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରି ସରକାରଙ୍କୁ ଘେରିଥିଲା

▶▶ପୃଷ୍ଠା ୭

# ବିଶ୍ୱନିୟନ୍ତାଙ୍କ ରଥଯାତ୍ରାକୁ ମିଳିବ ୟୁନେସ୍କୋ ମାନ୍ୟତା: ଶ୍ରୀମନ୍ଦିର ପ୍ରଶାସନର ଜୋରଦାର ଉଦ୍ୟମ



ପୁରୀ, ୦୯/୩ (ନି.ପ୍ର): ଘୋଷଯାତ୍ରାର ବଢ଼ିବ ବୈଶ୍ୱିକ ଗରିମା। ରଥଯାତ୍ରାକୁ ୟୁନେସ୍କୋ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦେବାକୁ ଜୋର୍ ଧରିଛି କସରତ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନାମାଙ୍କନପତ୍ର ପ୍ରସ୍ତୁତ ଚାଲିଥିବା ବେଳେ, ଖୁବଶୀଘ୍ର ଏହାକୁ

▶▶ପୃଷ୍ଠା ୭

## ସାଇବର ଠକ ଗିରଫ

ଭୁବନେଶ୍ୱର , ୦୯/୩ (ନି.ପ୍ର): କ୍ରିକେଟ ଖେଳରୁ ସାଇବର ଫ୍ରଡକୁ ଉଠାଇ ନେଲା କର୍ଣ୍ଣାଟକ ପୋଲିସ। ଏୟାରପୋର୍ଟ ଥାନା ଅଂଚଳରୁ ସୁମିତ ପାଢୀକୁ ଗିରଫ କଲା ପୋଲିସ । କର୍ଣ୍ଣାଟକରେ କୋଟି କୋଟି ଟଙ୍କାର ସାଇବର ଠକେଇ କରିଥିବା ସୁଚନା ମିଳିଛି । ସୁମିତ ଆକାଉଂଟକୁ ଆସିଥିଲା ୮୫ ଲକ୍ଷ ଟଙ୍କା । ସୁମିତର ଘର ଏୟାରପୋର୍ଟ ଥାନା ଅନ୍ତର୍ଗତ ଭିମପୁରରେ । ସୁମିତ ସହିତ ଆଉ ୫ ଜଣ ଏହି ଫ୍ରଡରେ ସାମିଲ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାପମାତ୍ରା: ୬ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସଆରସି

ଭୁବନେଶ୍ୱର, ୦୯/୩ (ନି.ପ୍ର): ରାଜ୍ୟରେ ୫ ଦିନ ପରେ ପୁଣି ବଢିବ ପାରଦ । ସ୍ୱାଭାବିକ ଠାରୁ ୩ରୁ ୫ ଡିଗ୍ରୀ ବଢିବ ତାପମାତ୍ରା । ପାରଦ ୪୦ ଡିଗ୍ରୀ ଛୁଇଁପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୫ ଦିନ ପରେ ପ୍ରଚଣ୍ଡ ରୌଦ୍ର ତାପ ନେଇ ସତର୍କ କରାଇଲା ଝଜଉଙ୍କ ଅଫିସ୍ । ଆଗାମୀ ୪ରୁ ୫ ଦିନରେ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୫ ଡିଗ୍ରୀ ତାପମାତ୍ରା ବଢ଼ିବା ସମ୍ଭାବନା ରହିଛି । ପ୍ରଚଣ୍ଡ ତାତି ନେଇ ଆଭ୍ୟନ୍ତରୀଣ ଓଡ଼ିଶାର ୬ ଜିଲ୍ଲାର ଜିଲାପାଳଙ୍କ ପାଇଁ ସତର୍କତା ଜାରି କରାଯାଇଛି। ଏହି ଜିଲ୍ଲା ଗୁଡିକ ହେଉଛି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର । ତେବେ ଆସନ୍ତା ୫ ଦିନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସୂଚନା ଅନୁସାରେ ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ଉପର ମୁହାଁ ହୋଇଛି ପାରଦ । ମାର୍ଚ୍ଚ ମାସ ଯେତିକି ବଢୁଛି, ରାଜ୍ୟରେ ଖରାର ପ୍ରକୋପ ମଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ବସନ୍ତରେ ହେଉଛି ଟାଇଁଟାଇଁ ଖରା ।

▶▶ପୃଷ୍ଠା ୭

# ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅସୁସ୍ଥ: ଛାତିରେ ଯନ୍ତ୍ରଣା ହେବାରୁ ଏମ୍ସରେ ଭର୍ତ୍ତି

ନୂଆଦିଲ୍ଲୀ, ୦୯/୩ : ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅସୁସ୍ଥ । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଛାତିରେ ଯନ୍ତ୍ରଣା ହୋଇଥିଲା । ଏବେ ସେ କ୍ରିଟିକାଲ କେୟାର ୟୁନିଟରେ ଥିବାବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ୭୩ ବର୍ଷୀୟ ଉପରାଷ୍ଟ୍ରପତି ଧନଖଡ଼ଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ରାତି ପ୍ରାୟ ୨ଟା ବେଳେ ଦିଲ୍ଲୀ ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା । ଏମ୍ସର କାର୍ଡୋଓଲୋଜି ବିଭାଗର ମୁଖ୍ୟ ଡ. ରାଜୀବ ନାରଙ୍ଗଙ୍କ ନିରୀକ୍ଷଣରେ ତାଙ୍କୁ କ୍ରିଟିକାଲ

▶▶ପୃଷ୍ଠା ୭

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ଓ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

ବାଲେଶ୍ୱର,୦୯/୩ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ସଂଘ କାର୍ଯ୍ୟାଳୟରେ ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଦିବଂଗତ ପୃଷ୍ଠପୋଷକ ସଦସ୍ୟ ପ୍ରଣବ କୁମାର ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ନୂତନ ପୃଷ୍ଠପୋଷକ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଇଂ. ଗୌରୀଚନ୍ଦ୍ର ଗିରି, ଆଜୀବନ ସଦସ୍ୟ ମନୁ ଚରଣ ବେହେରା, ସତ୍ୟଭାମା ମୁଦୁଲି, ନୀଳାମ୍ବର ମିଶ୍ର ଓ ରଘୁନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଦାମୋଦର ନାୟକ ମା' ଓ ଭଉଣୀମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ପୂର୍ବ ଅଧିବେଶନର ବିବରଣୀ ପାଠ



କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ନାୟକ, ବୀରେନ୍ଦ୍ର କୁମାର ମହନ୍ତ, ଇଂ. ସୁରେନ୍ଦ୍ରନାଥ ଦାସ, ଇଂ. ଶ୍ରୀରାମ ପ୍ରସାଦ ଦାଶ, ବେଣୁଧର ପାଳ, ଉମେଶ ଗୋଛାୟତ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଅଜୟ କୁମାର ନାୟକ, ଶଚୀନ୍ଦ୍ର ଦାସ, ଯୋଗେନ୍ଦ୍ର ନାଥ ସିଂ, ରବୀନ୍ଦ୍ର ମହାନ୍ତି, ଯୁଧିଷ୍ଠିର ନନ୍ଦ, ଭାଗବତ ଦଳାଇ, ନିରଞ୍ଜନ ପରିଡ଼ା, ପଦ୍ମଲୋଚନ ଦତ୍ତ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତୀଶ୍ୱର ଦାଶ ଓ ନରେଶ ଚନ୍ଦ୍ର ଦାସ ପ୍ରମୁଖ ଗଠନମୂଳକ ପ୍ରସ୍ତାବମାନ ଆଗତ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଯଥାର୍ଥତା ଏବଂ ନାରୀମାନଙ୍କର ତ୍ୟାଗ, ନିଷ୍ଠା, ସମୃଦ୍ଧ ପରିବାର ଓ ସଶକ୍ତ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବିଷୟରେ ଉପାଧକ୍ଷା ବାସନ୍ତୀ ପାଣି, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଉପାଧକ୍ଷ ସୁଦର୍ଶନ ଦାସ, ଉପଦେଷ୍ଟା ଜ୍ଞାନେନ୍ଦ୍ର ନାଥ ସାହୁ, ସତ୍ୟଭାମା ମୁଦୁଲି, କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଇଂ. ହୃଷିକେଶ ସାହୁ, ଗୁଣାକର ଦେ, ଇଂ. ସୁଗତ ବୋଷ ପ୍ରମୁଖ ଆଲୋଚନା କରିଥିଲେ।

ଏହି ଅବସରରେ ରୀତା ରାୟ, ଜ୍ୟୋସ୍ନା ରାୟ, ବନଲତା ଦାସ, ସାବିତ୍ରୀ ଦାସ, ଗୀତାଞ୍ଜଳି ଶତପଥି, ପ୍ରଣିତା ମିଶ୍ର, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା ଓ ସେମାନେ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବେଶ ଚନ୍ଦ୍ର ପଣ୍ଡା, ନିଆସି ଚରଣ ଜେନା, ସଞ୍ଜୟ କୁମାର ପଣ୍ଡା (ଖ), ଶେଖ୍ ଆଲ୍ଲାଉଦ୍ଦିନ୍, କ୍ଷେତ୍ରମୋହନ ନାୟକ, ରବୀନ୍ଦ୍ର ପ୍ରଧାନ, କେଶବ ମହାନ୍ତି, ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଏଡ୍ ଲାଇଫ୍ ଫିଜିଓଥେରାପି କେନ୍ଦ୍ରର ଡା. ଜ୍ୟୋତିର୍ମୟ ଚୌଧୁରୀ ବୟସ୍କମାନଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ସତର୍କତାମୂଳକ ପଦକ୍ଷେପ ଓ ଆବଶ୍ୟକୀୟ ଚିକିତ୍ସା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ସର୍ବଶେଷରେ ଉପାଧକ୍ଷ ଦେବେନ୍ଦ୍ର ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କନ୍ଧମାଳରେ ୧ଲକ୍ଷ ୭୨ହଜାର ୪୩୫ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

କନ୍ଧମାଳ,୦୯/୩ (ନି.ପ୍ର): ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗର ମହିଳା ସଶକ୍ତିକରଣ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ସୁଭଦ୍ରା'ର ଶୁଭାରମ୍ଭ ଗତ ବର୍ଷ ସେପ୍ଟେମ୍ବର ମାସରେ ହେଇଥିବାବେଳେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ରହ୍ମପୁରରୁ ସିଧା ପ୍ରଶାରଣ ମାଧ୍ୟମରେ ଆଜି ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ କରୋନେସନ ପଡ଼ିଆରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଲେ,ରାଜ୍ୟ ସରକାର ମହିଳାମାନଙ୍କୁ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ସମାନତା ପ୍ରଦାନ ପାଇଁ ଯୋଜନା କରୁଛନ୍ତି । ମହିଳା ସଶକ୍ତିକରଣ ପାଇଁ ନେଇଥିବା ପଦକ୍ଷେପ ସୁଭଦ୍ରା ଦ୍ୱିତୀୟ କିସ୍ତି ପ୍ରଦାନ ଅବସରରେ ସେ କହିଲେ, ଏହି ସହାୟତା ରାଶିର ସୁବିନିଯୋଗ କରି ସେମାନେ ପରିବାର, ସମାଜ ଓ ରାଷ୍ଟ୍ରକୁ ଆଗେଇ ନେଇପାରିବେ । ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ କହିଲେ, ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ଅସମାନତା ଦୂର କରିବା ସହିତ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି । ଗାଁ ର ମା'ମାନେ ସ୍ୱାବଲମ୍ବୀ ହେଲେ, ତାଙ୍କ ଆର୍ଥିକ ବିକାଶ ହେବା ସହିତ ପରିବାରର ବିକାଶ ହେବ । ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ମହିଳାମାନେ ନିଜର ଶିକ୍ଷା ଓ ଦକ୍ଷତାକୁ ବୃଦ୍ଧି କରି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଏହି ଅସମାନତା ଦୂରହୋଇପାରିବ । ମାନ୍ୟବର ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି କହିଲେ, ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ପଛରେ ଜଣେ ମା'ର ଭୂମିକା ନିଶ୍ଚୟ ଅଛି । ଏହି ଦିବସର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା । ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ କହିଲେ,ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କର ଯେଉଁସବୁ ଯୋଜନା ରହିଛି ବା ଆଗକୁ ହେବାର ଅଛି ସେ ସବୁର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳଅଧିକାରୀ ଶ୍ରମତୀ ବିଜୟାଲକ୍ଷ୍ମୀ ବେହେରା ଏହି ସୁଭଦ୍ରା ସହାୟତା ରାଶିକୁ ସଠିକ୍ ଉପାୟରେ ବିନିଯୋଗ କରିବାକୁ ଏହାର ହିତାଧିକାରୀମାନଙ୍କୁ ନିବେଦନ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତରଫରୁ ଋଣର ସରଳ ସମାଧାନ

ବଲାଙ୍ଗିର,୦୯/୩ (ନି.ପ୍ର): ସ୍ଥାନୀୟ ବଲାଙ୍ଗିର ଜିଲ୍ଲା ତାଲୁକ୍ ଆଇନ ବଙ୍ଗଳା ଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଦିବସ ଅବସରରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବଲାଙ୍ଗିର ଶାଖା, ବିଲେଇସର୍ଡା ଶାଖା, ଛତାମଖନା ଶାଖା, ଚନ୍ଦନଭାଟି ଶାଖା, ଚୁଡ଼ାପାଲି ଶାଖା, ଶିବତଲା ଶାଖା, ମହିମୁଣ୍ଡା ଶାଖା, ମହଲେଇ ଶାଖା, ଦେଓଗାଁ ଶାଖା ଏବଂ ଯାମୁଟ ଶାଖା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ର ଆଂଚଳିକ ମହାପ୍ରବନ୍ଧକ ସୂର୍ଯ୍ୟକାନ୍ତ ସାହୁ, ଋଣ ବିଭାଗର ମୁଖ୍ୟ ରମେଶ ମହାକୁର, ଅନାଦେୟ ଋଣ ବିଭାଗର ମୁଖ୍ୟ ଶୀତିକଣ୍ଠ ମିଶ୍ର, ଆଂଚଳିକ ଋଣ ମୁଖ୍ୟ ସ୍ମୃତିରଂଜନ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ଉତ୍କଳ ଗ୍ରାମୀଣ ତରଫରୁ ସମୁଦାୟ ୧୦୧ ଟି ଋଣର ସରଳ ସମାଧାନ କରାଯାଇଥିଲା । ସରକାରଙ୍କ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମ ସଫଳ କରିଥିବାରୁ ଆଂଚଳିକ ମୁଖ୍ୟ ଶ୍ରୀ ସାହୁ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା

ବଲାଙ୍ଗିର,୦୯/୩ (ନି.ପ୍ର): ଆଜି ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡ଼ାଠାରେ ପରିବେଶ ଶିକ୍ଷକ କେନ୍ଦ୍ର ଭୁବନେଶ୍ୱର ତରଫରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡାଙ୍କ ତତ୍ତ୍ୱାବଧାନ ରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଭୁବନେଶ୍ୱର ପରିବେଶ ଶିକ୍ଷକ କେନ୍ଦ୍ରରୁ ଆସିଥିବା ଡ଼. ରାଜେଶ କୁମାର ମହାନ୍ତ, ସୁଶାନ୍ତ ଲେଙ୍କା, ସତ୍ୟ ରଞ୍ଜନ ଦାସ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ପ୍ରବୀଣ ନାରାୟଣ ପଣ୍ଡା, ନିଳାମ୍ବର ନନ୍ଦ, ଶ୍ରୀମକ୍ଷସୂତା ମଲ୍ଲିକ, ଅପର୍ଣ୍ଣା ପଟେଲ, ମଞ୍ଜରୀ ସୁନା, ଧ୍ରୁବ ଚରଣ ବିଶ୍ୱାଳ ସଚେତନତା ରାଲିରେ ବିଭିନ୍ନ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ । ତାପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ମାଧୁରୀ ରଣା, ସୁଶୀଳା ନାଏକ, ହୀରାବତୀ ରଣା ଓ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଜିତେନ୍ଦ୍ର ଜାଲ, ଆଲୋକ ମହାନନ୍ଦ, କ୍ଷୀରୋଦ୍ର ସୁନା ଉତ୍ତୀର୍ଣ୍ଣ ହୋଇ ପୁରସ୍କୃତ ହୋଇ ଥିଲେ । ଏହି ପରିପ୍ରେକ୍ଷୀରେ ବୃକ୍ଷ ରୋପଣ ଓ ସବୁଜ ଶପଥ ପାଠ କରାଯାଇଥିଲା । ସମସ୍ତ କାର୍ଯକ୍ରମରେ ପବିତ୍ର ମୋହନ ପଧାନ ଓ ହାରିବଲ ପଧାନ ସହଯୋଗ କରିଥିଲେ । ଶେଷ ରେ ଖେଳ ଶିକ୍ଷକ ପ୍ରବୀଣ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଗୁଣ୍ଡୁରୁପୁର ଛକରେ ଗୋଷ୍ଠୀ ସଂଘର୍ଷ: ୩ରୁ ଉର୍ଦ୍ଧ୍ୱ ଆହତ, ଜାଳିଦେଲେ ୨ ବାଇକ୍

ଖୋର୍ଦ୍ଧା,୦୯/୩ (ନି.ପ୍ର): ବାଲୁଗାଁ ଗୁଣ୍ଡୁରୁପୁର ଛକ ପାଲଟିଲା ରଣକ୍ଷେତ୍ର । ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଗଣ୍ଡଗୋଳରେ ଜାଳିଦେଲେ ୨ ବାଇକ୍ । ଟେକା ପଥର ମାଡ଼ରେ ଉଭୟ ପକ୍ଷର ୩ ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି । ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିକଟସ୍ଥ ଗୁଣ୍ଡୁରୁପୁର ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି ।

ସୂଚନା ମୁତାବକ, ବାଲୁଗାଁ ମୁସଲିମ ସାହିର ଜନୈକ ବ୍ୟକ୍ତି ନିଜ ଘର ନିର୍ମାଣ ପାଇଁ ଗତକାଲି ବିଳମ୍ବିତ ରାତିରେ ଟ୍ରାକ୍ଟର ଦ୍ୱାରା ମାଟି ପକାଉଥିଲେ। ରାତିରେ ମାଟି ପକାଉ ଥିବାରୁ ଗୁଣ୍ଡୁରପୁର ସାହିର ଲୋକଙ୍କ ଶୋଇବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଫଳରେ ଶୋଇବାକୁ ଯାଉଥିବା ବ୍ୟକ୍ତିମାନେ ଏହାର ପ୍ରତିବାଦ କରିଥିଲେ। ତେବେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ଏହା ହାତାହାତି ହୋଇଥିଲେ । ପରେ ଏହା ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଉଭୟ ପକ୍ଷରୁ ପଥର ମାଡ଼ ସହିତ ଠେଙ୍ଗା ମାଡ଼ ଆରମ୍ଭ ହୋଇ ଯାଇଥିଲା। ଏପରିକି ବଡ଼ ଧରଣର ସଂଘର୍ଷ ଆରମ୍ଭ ହେବା ସହିତ ପଥର ମାଡ଼ ଆରମ୍ଭ ହୋଇ ଯାଇଥିଲା। ତେବେ ଏହି ସଂଘର୍ଷରେ ୨ଟି ବାଇକ ଜାଳି ଦେଇଥିଲେ। ଘଟଣା ଉଗ୍ରରୂପ ନେବା ସମୟରେ ଖବର ପାଇ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଓ ପୁଲିସ ଟିମ ଘଟଣାସ୍ଥଳରେ ପହଂଚି ସ୍ଥିତିକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ହେଲେ ଘଟଣା କ୍ରମଶଃ ଉଗ୍ର ରୂପ ନେଉଥିବା ସମୟରେ ଖୋର୍ଦ୍ଧା ଏସପି ସାଗରିକା ନାଥ ଓ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଘଟଣାସ୍ଥଳରେ ପହଂଚି ଥିଲେ । ପଥର ମାଡ଼ରେ ଗୁଣ୍ଡୁରପୁର ସାହିର ୩ ଜଣ ଯୁବକ ଗୁରୁତର ହୋଇଥିବା ବେଳେ ଘଟଣା ସକାଳୁ ନିୟନ୍ତ୍ରଣରେ ରହିଛି । ତେବେ ଘଟଣାକୁ ଆଖି ଆଗରେ ରଖି ସେଠାରେ ୩ ପ୍ଲାଟୁନ ପୁଲିସ ଫୋର୍ସ ସହ ଘଟଣା ଉପରେ ଏସଡିପିଓ ଶ୍ରୀ ପଟ୍ଟନାୟକ ଓ ବାଲୁଗାଁ ପୁଲିସ ନଜର ରଖିଛନ୍ତି। ତେବେ ରିପୋର୍ଟ ଲେଖା ହେଲା ବେଳକୁ ଘଟଣାସ୍ଥଳରେ ବିଏନଏସ ୧୬୩ ଧାରା ଆଇନ ଲାଗୁ ହୋଇନାହିଁ। ଏନେଇ ଥାନାରେ ଏବେ ମାମଲା ରୁଜୁ ହେବାକୁ ଯାଉଛି ବୋଲି ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି।

# ଅଲଗା ହୋଇଥିବା ପରିବାର ଅପୋଷ ବୁଝାମଣା ମାଧ୍ୟମରେ ଏକାଠି ହେଲେ

ଜୟପୁର,୦୯/୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଓ ଏହି ଦିନ ହିଁ ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ ଜୟପୁର ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସର ରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ କୋର୍ଟ ରେ ଥିବା ଦେବାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା, ରାଜସ୍ୱ, ସାଲିସ ଯୋଗ୍ୟ ଫୌଜଦାରୀ, ଭଳି ବିବାଦର ସମାଧାନ ସହିତ ଅନ୍ୟାନ୍ୟ ମୋକୋଦ୍ଦମା ର ଫଇସଲା କରାଯାଇଥିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପ୍ରି ଲିଟିଗେଶନ ମାମଲାର ମଧ୍ୟ ଅପୋଷ ବୁଝାମଣା ମାଧ୍ୟମରେ ସମାଧାନ କରଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ମହିଳା ଦିବସ ଅବସରରେ ଫୈସଲା କରାଯାଇଥିବା ଉକ୍ତ ବିବାଦ ମଧ୍ୟରୁ ଅନ୍ୟତମ ଗୋଟିଏ ପାରିବାରିକ ବିବାଦ ଯେଉଁ ବିବାଦରେ ସମ୍ପୂର୍ଣ ପରିବାର ସ୍ୱାମୀ (୬୦ ବର୍ଷ), ସ୍ତ୍ରୀ (୫୦ ବର୍ଷ) ଓ ଗୋଟିଏ ପୁଅ ଓ ଗୋଟିଏ ଝିଅ ଯେଉଁମାନେ କି ଉଚ୍ଚ ଶିକ୍ଷିତ ଓ ଦାୟିତ୍ୱପୂର୍ଣ ସରକାରୀ ଚାକିରିରେ ଅବସ୍ଥାପିତ କିନ୍ତୁ ପାରିବାରିକ ବିବାଦ ଯୋଗୁଁ ଗତ ୮ ବର୍ଷ ଧରି ଅଲଗା ଅଲଗା ରହି ଆସୁଥିଲେ। କିନ୍ତୁ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ପ୍ରଚେଷ୍ଟା ଦ୍ୱାରା ଅପୋଷ ବୁଝାମଣା ଯୋଗୁଁ ଏକାଠି ହୋଇ ପାରିଛନ୍ତି। ସ୍ଥାୟୀ ଲୋକ ଅଦାଲତର ବିଚାରପତି ତଥା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା, ବୁଝାମଣାକାରି ଓକିଲ ଶାସନନ୍ଦ ମିଶ୍ର ଓ କୁମାରୀ ମନୋଜ ମାଳା ଦୀନବନ୍ଧୁ ପ୍ରମୁଖ ଏହି ବିବାଦର ଅପୋଷ ସମାଧାନ ପାଇଁ ସମ୍ପୂର୍ଣ ସୋହଯୋଗ କରିଥିଲେ । ସମାଧାନ ପରେ ପୁରା ପରିବାର ସମସ୍ତଙ୍କୁ ଧନ୍ୟବାଦ ଦେଇ ଭବିଷ୍ୟତରେ ସେମାନେ ମିଳିମିଶି ଖୁସିରେ ରହିବେ ବୋଲି ବ୍ୟକ୍ତ କରିଥିଲେ। ଏହି ପାରିବାରିକ ବିବାଦ ସହିତ ଅନ୍ୟାନ୍ୟ ପାରିବାରିକ, ବୈବାହିକ ଓ ଜମିଜମା ବିବାଦର ମଧ୍ୟ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ସମାଧାନ ହୋଇଥିଲା। ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବର୍ଷ ବର୍ଷ ଧରି ଅଲଗା ହୋଇଥିବା ପରିବାର ଏକାଠି ହୋଇପାରିଥିବାରୁ ସାଧାରଣରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ପ୍ରଚେଷ୍ଟାକୁ ପ୍ରଶଂସା କରାଯାଇଛି।

# ସୁକନ୍ୟା ସାହିତ୍ୟ ସଂସଦର କମ୍ବଳ ବଂଟନ




ବାଲିଆପାଳ, ୦୯/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଗୁନାପୁର ଗ୍ରାମର ସନାତନ ସିଂ ଙ୍କ ବାସଭବନ ସମ୍ମୁଖରେ ଗ୍ରାମର ଅସହାୟ ଆଦିବାସୀ ମହିଳାମାନଙ୍କୁ ସୁକନ୍ୟା ସାହିତ୍ୟ ସଂସଦ ବାଲିଆପାଳ ତରଫରୁ କମ୍ବଳ ତଥା କିଛି ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାନେତ୍ରୀ ସ୍ନେହଲତା ନାୟକ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପଦେଷ୍ଟା ବ୍ୟଙ୍ଗକବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ,ସମ୍ବାଦ ସାହିତ୍ୟ ଘରର ସଭାପତି ଝାଡେଶ୍ୱର ପ୍ରଧାନ ଯୋଗଦେଇ ସୁକନ୍ୟା ସାହିତ୍ୟ ସଂସଦର ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟା ଗୀତାରାଣୀ ସାହୁ ,ମିତାରାଣୀ ପାଣିଗ୍ରାହୀ ଏବଂ ରଶ୍ମିତା ସି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସମାଜସେବୀ ସନାତନ ସିଂ ସଂସଦର ସମସ୍ତ କର୍ମକର୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଏକମ୍ବା ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଜୟପୁର,୦୯/୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ.ଜ୍ୟୋସ୍ନାମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ଚନ୍ଦନ ନାୟକ ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ରାମନାଥ ପାଣିଗ୍ରାହୀ, ସରପଂଚ ମତି ଶୁଣ୍ଢୀ ଏବଂ ବରିଷ୍ଠ ସିଆରସିସି ସର୍ବେଶ୍ୱର ପଟ୍ଟନାୟକ ସହିତ ଆଲୁମିନିର ସଭାପତି ସଞ୍ଜୟ କୁମାର ସୁଆର ସହିତ ପରିଚାଳନା କମିଟିର ସଭ୍ୟ ଲଇଛନ ହରିଜନ ଉପସ୍ଥିତ ଥିଲେ।

## ଘରେ ପଶି ହତ୍ୟା ଧମକ ଦେବା ଅଭିଯୋଗରେ ଜଣେ ଗିରଫ

ଜୟପୁର ,୦୯/୩ (ନି.ପ୍ର): ଜୟପୁର ସଦରଥାନା ଅଂଚଳର ଦୁବୁଲି ଗ୍ରାମର କିନକର ସରକାରଙ୍କ ଘରେ ପଶି ଜୀବନରେ ମାରିଦେବା ଧମକରେ ଆଜି ସଦରପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲା ଡମ୍ବଗୁଡା ଗ୍ରାମର କୃଷ୍ଣ ଟାକ୍ରି। ଗତ ୨ ତାରିଖ ଦିନ କୃଷ୍ଣ ୫ଜଣ ଯୁବକଙ୍କୁ ଧରି ଦୁବୁଲି ଗ୍ରାମର କିନକରଙ୍କ ଘରେ ପଶି ଏକ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଛୁରି ଦେଖାଇ ଜୀବନରେ ମାରିଦେବା ଧମକ ଦେଇଥିଲେ। ଘରେ ଥିବା ସମସ୍ତ ପରିବାର ବର୍ଗଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏନେଇ କିନକର ସଦରଥାନାରେ ଏତଲା ଦେବା ପରେ ସଦରପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୃଷ୍ଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ସିଭିଲ କୋର୍ଟଠାରେ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର,୦୯/୩ (ନି.ପ୍ର): ରାଷ୍ଟ୍ରୀୟ ଲୋକ ଅଦାଲତ ଅବସରରେ ସିଭିଲ କୋର୍ଟ ଠାରେ ଏକ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଆଇନ ପ୍ରାଧିକରଣ ଅଧ୍ୟକ୍ଷ ଜିଲ୍ଲା ମୁଖ୍ୟ ନ୍ୟାୟାଧିଶ ଡଃ. ପବିତ୍ର ମୋହନ ସାମଲ, ପବିତ୍ର ମୋହନ ପ୍ରଧାନ ସେକ୍ରେଟାରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅତିରିକ୍ତ ଜିଲ୍ଲା ନ୍ୟାୟାଧିଶ ପରିବାର କୋର୍ଟ ବିକ୍ରମ କେଶରୀ ପଟ୍ଟନାୟକ ଶିବିରରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।ଆଜି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ସିଭିଲ କୋର୍ଟ ଠାରେ ଲୋକ ଅଦାଲତ ପାଇଁ ଏକ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ି ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ତରଫରୁ ଡାକ୍ତର ଦିବ୍ୟ କିଶୋର ପତି ଓ ରାମାନୁଜ ପଣ୍ଡା ତଦାରଖ କରିଥିଲେ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ହସ୍ତକ୍ଷେପ ପରେ ଦାଦନ ପୀଡିତ ପରିବାର ପାଇଲେ ଆର୍ଥିକ ସାହାଯ୍ୟ

ବଲାଙ୍ଗିର,୦୯/୩ (ନି.ପ୍ର): ପୁଇଁତଲା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମପଂଚାୟତ ଗଣ୍ଡବାହାଲ (ଜାମବାହାଲ) ଗ୍ରାମର ଲାଲା ପାତ୍ର କାମଧନ୍ଦା ନ ପାଇବାରୁ ଆନ୍ଧ୍ର ପ୍ରଦେଶ ଆଙ୍ଗପାଲ୍ଲୀ ଆଂଟିଆର ଠାରେ ରାସାୟନିକ ଏକ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ ଯାହା ପରିବାର ଲୋକେ କହିବା ଅନୁସାରେ ସେହି ରସାୟନ କମ୍ପାନୀରେ କାମ କଲା ସମୟରେ ଅସୁସ୍ଥ ଅନୁଭବ କରିଥିଲେ ତାପରେ ନିଜର ଆଶ୍ରୟ ସ୍ଥଳୀରେ ବିଶ୍ରାମ ନେଇଥିଲେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇ ପାଟି ରୁ ନାକରୁ ରକ୍ତ ବାହାରି ଥିଲା । ଏଣୁ ପରିବାର ଲୋକେ ସନ୍ଦେହ କରୁଛନ୍ତି ରାସାୟନିକ ତୀବ୍ରତାକୁ ସହ୍ୟ କରିପାରି ନ ଥିବା କିମ୍ବା ବିଷ ଦେଇ ମାରିଦେଇଛନ୍ତି । ଏଣୁ ଆଜି ବ୍ୟବଚ୍ଛେଦ ହେଲା ପରେ ତାଙ୍କ ମର ଶରିରକୁ ପୁଇଁତଲା ଥାନା ଆଗରେ ରଖି ରାସ୍ତାରୋକ କରିବା ପାଇଁ ଆଦିବାସୀ ସଭାପତି ସତ୍ୟନାରାୟଣ ଭୋଇଙ୍କୁ ଯୋଗାଯୋଗ କରିଥିଲେ । ଖବର ପାଇ ସତ୍ୟନାରାୟଣ ଭୋଇ ତହସିଲଦାର ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟିକୁ ଆଣିଥିଲେ । ସଙ୍ଗେ ସଙ୍ଗେ ତହସିଲଦାର ଗୌରବ ବରଗେ, ପୋଲିସ ଅଧିକାରୀମାନେ ପହଂଚି ସମାଧାନ କରିଥିଲେ କିନ୍ତୁ ଯେଉଁ ବିଭାଗ ଶ୍ରମିକମାନଙ୍କ ସୁରକ୍ଷା ଦେଉଛନ୍ତି ବିଳମ୍ବରେ ଆସିବାରୁ ଉତେଜନା ଦେଖା ଦେଇଥିଲା । ଶେଷରେ ରେଡକ୍ରସରୁ ଆର୍ଥିକ ସାହାଯ୍ୟ ଦେଇଥିଲେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ହୋତା। ସରକାରଙ୍କ ଯାହା ଯୋଜନା ଅଛି ଅତିଶିଘ୍ର ପହଂଚାଇବା ପାଇଁ ସେ ପ୍ରତିଶୃତି ଦେଇଥିଲେ । ଦୁଇଟି ନାବାଳକ ପିଲା ଏବଂ ତାଙ୍କ ପତ୍ନୀ ଅଛନ୍ତି ।

# କ୍ରିକେଟ୍ ମହାସମର: ଆଗକୁ ବଲାଙ୍ଗୀର ଚାମ୍ପିଅନ ଟ୍ରଫି ନେଇ ବୈଠକ

ବଲାଙ୍ଗିର,୦୯/୩ (ନି.ପ୍ର): ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଆଜି ବଲାଙ୍ଗୀର ଚାମ୍ପିଅନ ଟ୍ରଫି କ୍ରିକେଟ ଲିଗ୍ ମେଚ କୁ ନେଇ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଆଜିର ବୈଠକ ରେ ଯୁବ ଖେଳାଳି ସହ ପୂର୍ବତନ କ୍ରିକେଟ ଖେଳାଳୀଙ୍କ ମଧ୍ୟରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ବଲାଙ୍ଗିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଲାଙ୍ଗୀର ଚାମ୍ପିଅନ କ୍ରିକେଟ ଲିଗ୍ ଆରମ୍ଭ ହେବାକୁ ଯାଉଛି ।ଯାହା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇଛି। କେବଳ ବଲାଙ୍ଗୀର ଜିଲ୍ଲାର ଖେଳାଳିଙ୍କୁ ନେଇ ମାର୍ଚ୍ଚ ୧୦ ତାରିଖ ରୁ ଖେଳାଳି ଆବେଦନ ଫର୍ମ ପ୍ରକିୟା ଆରମ୍ଭ ହୋଇ ମାର୍ଚ୍ଚ ୨୦ତାରିଖ ପର୍ଯ୍ୟନ୍ତ ଜାରି ରହିବ। ୬ଟି କ୍ରିକେଟ ଦଳ ଭାଗ ନେବେ । ୨୦ଓଭର ବିଶିଷ୍ଟ କ୍ରିକେଟ ମେଚ ହେବ ।ସକାଳ ୮ଟା ରୁ ଗୋଟେ ମେଚ ମଧ୍ୟାହ୍ନ ୨ଟା ରୁ ଗୋଟେ କ୍ରିକେଟ ମ୍ୟାଚ ହେବା ନେଇ ଆଜିର ଆଲୋଚନା ବୈଠକ ରେ ନିଷ୍ପତ୍ତି ରହିଛି। ତେବେ କେବେ ଠୁଁ ଓ କେତେ ତାରିଖ ରୁ ଆରମ୍ଭ ହେବ ସେ ନେଇ କମିଟି ନିର୍ଦ୍ଧାରିତ କରିନି ।ଯାହା ୧୦ ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଳି ଚୟନ ପ୍ରକିୟା ପରେ ତାହା ନିଷ୍ପତ୍ତି ହେବା ନେଇ ଉପସ୍ଥିତ ସମସ୍ତ ଖେଳାଳିଙ୍କ ମଧ୍ୟରେ ଆଲୋଚନା ହୋଇଛି।

# ତାଲୁକ୍ ସେବା କେନ୍ଦ୍ର ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ

ଧର୍ମଶାଳା,୦୯/୩ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ ତାଲୁକ୍ ସେବା କେନ୍ଦ୍ର ପକ୍ଷରୁ ଆଜି ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସବ୍ ଜଜ୍ ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଡିଜେ ଗୋପବନ୍ଧୁ ଗଡନାୟକ ଯୋଗଦେଇ ସ୍ୱାଧୀନ ଭାରତରେ ନାରୀମାନେ କଳା, ସାହିତ୍ୟ, ବିଜ୍ଞାନ, ପ୍ରଶାସନିକ ଶିକ୍ଷା, କ୍ରୀଡା, ପ୍ରତିରକ୍ଷା, ସୂଚନା ପ୍ରଯୁକ୍ତି ଆଦି ସବୁ କ୍ଷେତ୍ରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରତିଭା ପାଟିଲ, ଇନ୍ଦିରା ଗାନ୍ଧୀ, କିରଣ ବେଦୀ ଓ ନନ୍ଦିନୀ ଶତପଥୀ ପ୍ରମୁଖ ବହୁ ପ୍ରତିଭାର ଅଧିକାରୀ ହୋଇ ନାରୀ ପ୍ରଗତିର ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ ଜେଏମଏଫସି ଶ୍ରୀମୟୀ ନନ୍ଦ ନାରୀଙ୍କ ପ୍ରଗତି ଦେଶର ଉନ୍ନତି ।

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ



ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି। ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ। କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ। ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା।

ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ। ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି।

ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ। ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ। ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ। ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି।

ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି।

# କ୍ଷୁଦ୍ର ଶସ୍ୟଜାତୀୟ ଫସଲ 'ମାଣ୍ଡିଆ'

ମାଣ୍ଡିଆ ଏକ କ୍ଷୁଦ୍ରଶସ୍ୟଜାତୀୟ ଫସଲ। ଓଡ଼ିଶାର ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ଗଞ୍ଜାମ, ନୂଆପଡ଼ା ଆଦି ଜିଲ୍ଲାରେ ଏହାର ଚାଷ



କରାଯାଉଛି। ଏହି ଫସଲର ମରୁଡ଼ି ସହଣି ଶକ୍ତି ରହିଥିବାରୁ ଏହାକୁ ପାହାଡ଼ିଆ ଓ ନିପାଣିଆ ଜମିରେ ସଫଳ ଭାବେ ଚାଷ କରାଯାଇପାରିବ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବା ସହ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ଆମିନୋଏସିଡ୍ ଥିବା ଯୋଗୁଁ ଏହା ଜଣ୍ଡିସ ଓ ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ।

ପରିସଂଖ୍ୟାନ ଅନୁଯାୟୀ ୨୦୧୨-୧୩ ମସିହାରେ ଓଡ଼ିଶାର ପ୍ରାୟ ୧ଲକ୍ଷ ୭୦ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ବର୍ଷକୁ ୧ଲକ୍ଷ ୫୧ହଜାର ମେଟ୍ରିକ ଟନ ଅମଳ କରାଯାଉଛି। ହେକ୍ଟର ପ୍ରତି ଅମଳ କ୍ଷମତା ହେଉଛି ୮୯୫କିଗ୍ରା। ଏହି ଶସ୍ୟଟିରେ ଚାହିଦା ବଢୁଥିବା ଲକ୍ଷ୍ୟକରି ସରକାରଙ୍କ ପକ୍ଷରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରାଯାଉଛି।

ବିହନ କିସମ: ନୀଳାଚଳ, ଶ୍ୱେତା, ଚିଲିକା, ସ୍ୱର୍ଣ୍ଣ, ଶୁଭ୍ରା ଭୈରବୀ, ଗୋଦାବରୀ।

ବିହନ ବିଶୋଧନ: ବିହନ କିଲୋଗ୍ରାମ ପ୍ରତି ୨-୩ ଗ୍ରାମ କ୍ୟାପଟାନ/ଥିରାମ ବା ୧.୫ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ବିଶୋଧନକରନ୍ତୁ। ବର୍ଷରେ ୩ଥର ମାଣ୍ଡିଆ ବୁଣାଯାଏ। ଜୁନ ମାସ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ମଧ୍ୟରେ ଓ ଜାନୁଆରୀ ୨୦ ତାରିଖରୁ ଫେବୃଆରୀ ୧୫ ତାରିଖ ମଧ୍ୟରେ। ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୮ କିଗ୍ରା ବିହନ ଦରକାର ହୁଏ। ଛଟା ବୁଣା ହେକ୍ଟର ପ୍ରତି ୧୦ କିଗ୍ରା ବିହନ ଲାଗେ। ଧାଡ଼ିକୁ ଧାଡ଼ି ୨୫ ସେମି ବ୍ୟବଧାନରେ ୩-୪ସେମି ଗଭୀରରେ ବିଶୋଧିତ ବିହନ ବୁଣିବାକୁ ହୁଏ ମାଣ୍ଡିଆ ରୋଇଲେ ଆଦାୟ ଅଧିକ ହୁଏ। ହେକ୍ଟର ପ୍ରତି ୬ କିଗ୍ରା ବିହନ ଦରକାର ହୁଏ। ଖରାଦିନେ ମାଣ୍ଡିଆରେ ଆବଶ୍ୟକ ସ୍ଥଳେ ପ୍ରତି ୭ଦିନ ଅନ୍ତରରେ ପାଣି ମଡ଼ାଯିବା ଦରକାର।

ସମନ୍ୱିତ ରୋଗପୋକ ପରିଚାଳନା: ମାଣ୍ଡିଆରେ କାଣ୍ଡବିନ୍ଧା ପୋକ, ଦିଆଲିପୋକ, କରପୋକ, ଝିଣ୍ଟିକା, ରଇ, ସଂବାଳୁଆ ଆଦି କ୍ଷତିକାରକ ପୋକ ଲାଗନ୍ତି। କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ମନୋକ୍ରୋଟାଫସ ୩୬% ଏସଏଲ ୧.୪ ଲିଟର କିମ୍ବା କ୍ଲୋରୋପାଇରିଫସ ୧୨୫୦ମି.ଲି, କିମ୍ବା ଟ୍ରାୟୋଜୋଫସ ୪୦% ଇସି ୮୭୫ମି.ଲି ୫୦୦ ମଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ କ୍ଲେଶରୋପାଇରିଫସ ୨୦% ଇସି ୧୨୫୦ମି.ଲି କିମ୍ବା ଏଣ୍ଡୋସଲଫାନ ୩୫% ଇସି ୧.୪ ଲିଟର ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝିଣ୍ଟିକା ପାଇଁ ହେକ୍ଟର ପ୍ରତି ୨୫ କିଗ୍ରା ମାଲାଥିଆନ କିମ୍ବା କ୍ଲୋରୋପାଇରିଫସ ଗୁଣ୍ଡ ବିଞ୍ଚନ୍ତୁ। ମାଣ୍ଡିଆ କିସମ ଅନୁସାରେ ୯୦-୧୨୯୦ ଦିନ ମଧ୍ୟ; ଅମଳ ହୁଏ।



# ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର, ଉପଶମ ଦେବ ଔଷଧୀୟ ଚା'

ମଧୁମେହ ରୋଗୀଙ୍କ ପାଇଁ ଖୁସି ଖବର। ଏଣିକି ରୋଗରୁ ଉପଶମ ଦେବ ଏକ ସ୍ୱତନ୍ତ୍ର ଚା'। ଯାହାକୁ ପିଇଲେ ଆପଣ ଚା'ର ମଜା ଉଠାଇବା ସହ ଏହାର ଔଷଧୀୟ ଗୁଣ ଆପଣଙ୍କ ଶରୀର ପାଇଁ ସାଜିବ ରାମବାଣ। କେବଳ ମଧୁମେହ ରୋଗ ପାଇଁ ନୁହେଁ ହୃଦରୋଗ ସମେତ କିଡନୀ, ହୃଦରୋଗ ଓ ଗଣ୍ଠିବାତ ସମସ୍ୟା ପାଇଁ ବି ଏହା ହେବ ଲାଭଦାୟକ । ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ହୋଇଛି ଏଭଳି ଔଷଧୀୟ ଚା' । ଏଭଳି ଔଷଧୀୟ ଚା' ପ୍ରସ୍ତୁତ କରିଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ପକ୍ଷରୁ ପ୍ରାୟ ୩୦ ପ୍ରକାର ଔଷଧୀୟ ଚା' ଉତ୍ପାଦନ କରାଯାଇଛି । ମୂଷାଙ୍କ ଉପରେ ସଫଳ ପ୍ରୟୋଗ ପରେ ଏହାର ବଜାର ପ୍ରବେଶ କରିବାକୁ ଯୋଜନା ରଖିଛନ୍ତି କର୍ତ୍ତୃପକ୍ଷ । ଏନେଇ ଷ୍ଟାର୍ଟ ଅପ୍ ସଂସ୍ଥା ଅର୍କିଡ୍ ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍ ଚୁକ୍ତି ହୋଇଛି । ଏମଧ୍ୟରେ FSSI, GMO, ISOର ଅନୁମୋଦନ ମିଳିସାରିଛି । ଖୁବଶୀଘ୍ର ଏହି ନୂତନ ଚା' ବଜାରରେ ଉପଲବ୍ଧ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି । ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ନାୟକ କହିଛନ୍ତି, ଗ୍ରୀନ୍ ଟି ସହ ଗନ୍ଧମାର୍ଦ୍ଦନର ଜଟିବୁଟିକୁ ମିଶ୍ରଣ କରି ଆମେ ଏହି ଚା' ପ୍ରସ୍ତୁତ କରୁଛୁ। ଆମେ ୩୦ ପ୍ରକାର ଔଷଧୀୟ ଚା' ତିଆରି କରୁଛୁ। ଏହା ମଧୁମେହ ସମେତ, କୋଲେଷ୍ଟ୍ରଲ, ଆଣ୍ଠୁଗଣ୍ଠି ବାତ, ଲିଭର ଓ କିଡ଼ନୀ ପାଇଁ ବି ଭଲ ଫଳପ୍ରଦ ହୋଇ ପାରିବ । ହର୍ବାଲ ଚା'ରେ ମିଶୁଥିବା ଔଷଧୀୟ ଉପାଦାନ। ଚା' ଉତ୍ପାଦନ ପାଇଁ ବିଶ୍ୱବିଦ୍ୟାଳୟର ଫୁଡ୍ ସାଇନ୍ସ ବିଭାଗରେ ଆବଶକୀୟ ଯନ୍ତ୍ରପାତି ଓ ପ୍ୟାକିଂ ମେସିନ୍ ଲଗାଯାଇଛି । ଆଗାମୀ ଦିନରେ ୨୭ ପ୍ରକାର ଚା' ଉତ୍ପାଦନ ହେବାକୁ ଥିବା ବେଳେ ୮ ରୋଗ ପାଇଁ ଏହା ଉପଶମ ଦେବ । ଦାର୍ଜିଲିଂ ଓ ଆସାମରୁ ଏନେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଚା' ଅଣାଯାଉଛି । ପରେ ବରଗଡ଼ ପାଇକମାଳସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗୃହୀତ ଚେରମୂଳି ମିଶ୍ରଣ କରାଯାଇ ପ୍ରସ୍ତୁତ ହେଉଛି ଏହି ସ୍ୱତନ୍ତ୍ର ଗର୍ବାଲ ଚା' । ହର୍ବାଲ-ଟି ପାଇଁ ସୁଗନ୍ଧିତ ବାସ୍ନା , ଗୁଡମାରୀ , ଅଶ୍ୱଗନ୍ଧା , ପିପଳୀ , କଟୁକୀ, ପୁନଃନର୍ଭା ଆଦି ଜଡ଼ିବୁଟୀ ଗନ୍ଧମାର୍ଦ୍ଦନରୁ ସଂଗୃହୀତ ହେଉଥିବା ବେଳେ. ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଗୋଲାପ ଆମଦାନୀ କରାଯାଉଛି ।



# ଶାକାହାରୀ ବ୍ୟକ୍ତି କିପରି ପାଇବେ ଭିଟାମିନ୍ ବି୧୨: ଏହିସବୁ ଖାଦ୍ୟ ଦେବ ଲାଭ

ଭିଟାମିନ୍ ବି ୧୨ ଡିଏନ୍ଏ ସିନଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ଲୋକମାନଙ୍କ ପାଖରେ ଯେତେବେଳେ ଭିଟାମିନ୍ ବି ୧୨ ର ଅଭାବ ପଡେ, ଏଥିପାଇଁ ସେମାନେ ସପ୍ଲିମେଣ୍ଟ ନିଅନ୍ତି। ଭିଟାମିନ୍ ବି ୧୨ ଡିଏନ୍ଏ ସିନଥେସିସ୍ ଏବଂ ଲାଲ ରକ୍ତ କଣିକା ତିଆରି କରିବା ସହିତ ଏହାର ଅନେକ ଶାରୀରିକ କାର୍ଯ୍ୟ ଅଛି। ଭିଟାମିନ୍ ବି ୧୨ ସାଧାରଣତଃ ପଶୁଜାତୀୟ ଖାଦ୍ୟରୁ ଅଧିକ ମିଳିଥାଏ। ତେବେ ଏହା ଶାକାହାରୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ।

ତଥାପି, ଏମିତି ଅନେକ ଶାକାହାରୀ ଖାଦ୍ୟ ଅଛି ଯାହା ଭିଟାମିନ୍ ବି ୧୨ ର ଅଭାବକୁ ପୂରଣ କରିପାରିବ। ଶାକାହାରୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଭିଟାମିନ୍ ବି ୧୨ ଥିବା ଖାଦ୍ୟ ଖାଇପାରିବେ। ଏହି ଭିଟାମିନ୍ର ବଡ ଉତ୍ସ ଥିବା କେତେକ ଖାଦ୍ୟ ବିଷୟରେ ଆସନ୍ତୁ ଜାଣିବା।



ଫର୍ଟିଫାଇଡ୍ ଫୁଡ୍:

ପୁରା ଶସ୍ୟ, ଉଦ୍ଭିଦ ତେଲ ଇତ୍ୟାଦି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ ର ଏକ ଉତ୍କୃଷ୍ଟ ଉତ୍ସ। ଉଦ୍ଭିଦ ଭିତ୍ତିକ ଦୁଗ୍ଧ, କେତେକେ ଶସ୍ୟ ପରି ଅନେକ ଖାଦ୍ୟ ଭିଟାମିନ୍ ବି ୧୨ରେ ଭରପୂର। ଏହି ଖାଦ୍ୟ ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ଏକ ସୁବିଧାଜନକ ଏବଂ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିପାରିବ।



ଫର୍ମିଟେଡ୍ ଫୁଡ୍

ଶାକାହାରୀମାନଙ୍କ ପାଇଁ ଭିଟାମିନ୍ ବି ୧୨ର ସମ୍ଭାବ୍ୟ ଉତ୍ସ ଭାବରେ ଫର୍ମିଟେଡ୍ ଫୁଡ୍(ଆଚାର ଜାତୀୟ) ମଧ୍ୟ ପରାମର୍ଶ ଦିଆଯାଏ। ଅବଶ୍ୟ, ଫର୍ମିଟେଡ୍ ଫୁଡ୍ ଭିଟାମିନ୍ ବି ୧୨ ର ପରିମାଣ ଭିନ୍ନ ହୋଇଥାଏ ଏବଂ ଅନେକ କାରଣ ଉପରେ ନିର୍ଭର କରିପାରେ।



କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ

ଶାକାହାରୀ ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ବି ୧୨ ପାଇବା ପାଇଁ ସହଜ ଉପାୟ ହେଉଛି ଦୁଗ୍ଧଜାତ ଦ୍ରବ୍ୟ ଖାଇବା। ଖାଦ୍ୟରେ କ୍ଷୀର, ଦହୀ ଏବଂ ଅନ୍ୟାନ୍ୟ ଜିନିଷ ସାମିଲ କରନ୍ତୁ।



ବିଟ୍ସ:

ବିଟ୍ସରେ ଆଇରନ୍, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ ବି ୧୨ ଭରପୂର ମିଳେ। ବିଟ୍ସ ନିୟମିତ ଖାଇବା ଦ୍ୱାରା ରୁଟି ବଢିବାରେ ସାହାଯ୍ୟ କରେ, ଚର୍ମକୁ ଚମକାଇଥାଏ, ରକ୍ତ ସଞ୍ଚାଳନ ଏବଂ ସହନଶୀଳତା ବଢେ।

# ବୁକୁପୋଡ଼ା ବନାମ୍ ହୃଦ୍ଘାତ



ବେଳେ ବେଳେ ଆମେ ଛାତିପୋଡ଼ାକୁ ହୃଦ୍ଘାତ ବୋଲି ଭାବିନେଉ। ପୁଣି ହୃଦ୍ଘାତକୁ ବୁକୁପୋଡ଼ା ବୋଲି ମନେକରିଥାଉ। ତେବେ ଏଇ ଦୁଇଟି ଭିତରେ ରହିଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରି। ଛାତିପୋଡ଼ା ସାଧାରଣତଃ ହଜମକ୍ରିୟା ସହ ଜଡ଼ିତ ଥିବା ବେଳେ ହୃଦ୍ଘାତ ମୁଖ୍ୟତଃ ହୃତ୍ପିଣ୍ଡ କ୍ରିୟା ସହ ଜଡ଼ିତ, ଯାହାର ତ୍ୱରିତ ଚିକିତ୍ସା ଜରୁରି। ଉଭୟ ଶାରୀରିକ ପ୍ରତିକ୍ରିୟା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବୁଝିପାରିଲେ ଗୋଟିକର ଦୂରୀକରଣ ପାଇଁ ଅନ୍ୟଟିର ଚିକିତ୍ସା କରାଇବାର ତ୍ରୁଟି ରହିବନି ଏବଂ ତୁରନ୍ତ ଚିକିତ୍ସା କରାଇ ଜୀବନ ବଞ୍ଚାଇହେବ।

ବୁକୁପୋଡ଼ାର ଲକ୍ଷଣ: ଯେତେବେଳେ ପାକସ୍ଥଳୀରେ କ୍ଷରିତ ଅମ୍ଳ ଉଠି ଆସି ଖାଦ୍ୟନଳୀ ବା ନିଗଳ(ଓସୋଫାଗସ୍)ରେ ପହଞ୍ଚିଯାଏ, ସେତେବେଳେ ବୁକୁପୋଡ଼ା ଆରମ୍ଭ ହୁଏ, ଯାହାକୁ 'ଏସିଡ୍ ରିଫ୍ଲକ୍ସ' କୁହାଯାଏ। ଓସୋଫାଗସ୍ର ପାର୍ଶ୍ୱଗୁଡ଼ିକୁ ଉକ୍ତ ଏସିଡ୍ ଉତ୍ତେଜିତ କରିବା ଯୋଗୁଁ ଏପରି ଅସ୍ୱସ୍ତିକର ଅନୁଭବ ଆସିଥାଏ। ପିଞ୍ଜରାର ଠିକ୍ ପଛପଟେ ଅନୁଭୂତ ଏହି ଯନ୍ତ୍ରଣା ସାଧାରଣତଃ କେଇ ମିନିଟ୍ରୁ କେଇ ଘଣ୍ଟା ଯାଏ ଜାରି ରହିଥାଏ। ଏଥିଯୋଗୁଁ କିଛି ବି ଖାଇବା ପରେ ପରେ ପାଟିକୁ ଟିକେ ଅମ୍ଳୀୟ ବା ପିତାଳିଆ ସ୍ୱାଦ ଲାଗିଥାଏ। ବେଳେ ବେଳେ ଉକ୍ତ ଅମ୍ଳ ତଣ୍ଟି ଯାଏ ବ୍ୟାପି ଆସିବାରୁ ଅଜୀର୍ଣ୍ଣ ହାକୁଟି ଆସିଥାଏ। ଏପରି ଛାତି ଭିତରର ଜଳାପୋଡ଼ା ଅନୁଭବ ବେଳେ ବେଳେ ହୃତ୍ପିଣ୍ଡରେ ସମସ୍ୟା ବୋଲି ଅନେକଙ୍କୁ ଭ୍ରମରେ ପକାଇଥାଏ। ମାତ୍ର ଏହା ଖାଦ୍ୟ ପାଚନ ଜନିତ ସମସ୍ୟା।

ହୃଦ୍ଘାତର ଲକ୍ଷଣ: ଯେତେବେଳେ ହୃତ୍ପିଣ୍ଡ ମାଂସପେଶୀର କୌଣସି ସ୍ଥାନକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ, ହୃଦ୍ଘାତ ସମସ୍ୟା ଦେଖାଦେଇଥାଏ। ବିଶେଷ କରି ଧମନୀରେ କୌଣସି ଖାଦ୍ୟ କଣିକା ଜମି ରହିବାରୁ ଏପରି ଘଟିଥାଏ। ଆବଶ୍ୟକ ପରିମାଣର ରକ୍ତ ସଂଚାଳନ ନପାଇ ହୃତ୍ପିଣ୍ଡର ମାଂସପେଶୀ ଠିକ୍ରେ ସଂକୋଚନ କି ପ୍ରସାରଣ କାର୍ଯ୍ୟ କରିପାରେନାହିଁ। ଫଳରେ ଛାତିର ଠିକ୍ ମଧ୍ୟଭାଗରେ ଭିଡ଼ିମୋଡ଼ି ହେଲା ପରି ଲାଗିବା ସହ ଭୀଷଣ ଚାପଦେଇ କିଏ ମାଡ଼ିବସିଲା ପରି ମନେହୁଏ। ଧୀରେ ଧୀରେ ଏହି ଯନ୍ତ୍ରଣା ଚିବୁକ, ବେକ, ପିଠି ଓ ବାହୁ ଆଦି ସ୍ଥାନକୁ ପ୍ରସାରିତ ହୋଇଥାଏ। ଛାତିରେ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କରିବାରେ ମଧ୍ୟ କଷ୍ଟ ଅନୁଭୂତ ହୁଏ। ଅଧିକାଂଶ କ୍ଷେତ୍ରରେ ପୀଡ଼ିତଙ୍କ ଦେହରୁ ଥଣ୍ଡା ପରିବେଶରେ ମଧ୍ୟ ଝାଳ ନିର୍ଗତ ହେବା ସହ ଓକାର ଆସିବା ଓ ବାନ୍ତି କଲା ଭଳି ଅନୁଭବ ଆସିଥାଏ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୧୦ ମାର୍ଚ୍ଚ ୨୦୨୫, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୀନର ଚେତାବନୀ...

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାସୀନ ହେବା ମାତ୍ରେ ସହଯୋଗୀ ରାଷ୍ଟ୍ରଙ୍କ ବିରୋଧରେ ଯେଉଁ ଟାରିଫ ଯୁଦ୍ଧ ଆରମ୍ଭ କରିଛନ୍ତି, ତାହାର ଯେଉଁ ପ୍ରତିକୂଳ ପ୍ରଭାବ ପଡ଼ିବ ସେଥିପ୍ରତି ସଚେତନ ଥିଲା ଭଳି ମନେହୁଏନି। ଆମେରିକାବାସୀ ଭୟଙ୍କର ମୁଦ୍ରାସ୍ଫୀତି ସଂକଟର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଦେଶର ରପ୍ତାନି ସାମଗ୍ରୀ ଉପରେ ଯଦି ଟ୍ରମ୍ପ ସରକାର ଅଧିକ ଟାରିଫ ବା ଶୁଳ୍କ ଆଦାୟ କରନ୍ତି, ତେବେ ଆମେରିକା ବଜାରରେ ତାହାର ମୂଲ୍ୟ ବଢ଼ିବ। ତେଣୁ ବଜାର ଦର କମିବା ପରିବର୍ତ୍ତେ ବଢ଼ିଲେ ଦେଶର ଉପଭୋକ୍ତାଙ୍କୁ ଅଧିକରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅବଶ୍ୟ ସେ ବାବଦରେ ଟ୍ରମ୍ପ ସରକାର ଅପେକ୍ଷାକୃତ ଅଧିକ ରାଜସ୍ୱ ଆଦାୟ କରିବେ। ଅନ୍ୟପକ୍ଷରେ ସେ ଯେଉଁ ରେସିପ୍ରୋକାଲ୍ ଟାରିଫ ପ୍ରସଙ୍ଗ ଉଠାଇଛନ୍ତି, ସେଥିରେ କିଛି ରାଷ୍ଟ୍ର ଆମେରିକୀୟ ସାମଗ୍ରୀ ଉପରୁ ଶୁଳ୍କ ହାର ହ୍ରାସ କରିବାକୁ ବାଧହେବେ। ଏ କ୍ଷେତ୍ରରେ ଆମେରିକାର କର୍ପୋରେଟ୍ ସଂସ୍ଥା ହିଁ କେବଳ ଉପକୃତ ହେବ। କିନ୍ତୁ ସ୍ଥାନୀୟ ବଜାର ଉପରେ ତାହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବିଶ୍ୱର ପ୍ରଭାବଶାଳୀ ନିବେଶକ ୱାରେନ୍ ବଫେଟ୍ ମଧ୍ୟ ଟ୍ରମ୍ପଙ୍କ ଏହି ଟାରିଫ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁଯାୟୀ ଏହି ଟାରିଫ ବୋଝ ସିଧାସଳଖ ସାମଗ୍ରୀ ଉପରେ ଟିକସରେ ପରିଣତ ହେଉଥିବାରୁ ଗ୍ରାହକଙ୍କୁ ହିଁ ଏହା ଦେବାକୁ ପଡ଼ିଥାଏ। ଟ୍ରମ୍ପ ନିଜେ ଜଣେ ବ୍ୟବସାୟୀ ହୋଇଥିବାରୁ ସେ କେବଳ ଆମେରିକାର କର୍ପୋରେଟ ସଂସ୍ଥାର ସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ପ୍ରଦାନ କରୁଛନ୍ତି। ବିପୁଳ ଭୋଟ୍ ଦେଇ ତାଙ୍କୁ ନିର୍ବାଚିତ କରିଥିବା ମତଦାତାଙ୍କୁ ଏହା ବୁଝିବା ପାଇଁ ବେଶୀ ସମୟ ଲାଗିବ ନାହିଁ। ଆମେରିକା ବିଶ୍ୱର ସବୁଠାରୁ ବିତ୍ତଶାଳୀ ରାଷ୍ଟ୍ର। କିନ୍ତୁ ବିଶ୍ୱ ସମୁଦାୟ କହିଲେ କେବଳ ଆମେରିକାକୁ ବୁଝାଏ ନାହିଁ। ପାରସ୍ପରିକ ସମ୍ପର୍କ ଓ ବୁଝାମଣା ଭିତ୍ତିରେ ଅନ୍ୟ ରାଷ୍ଟ୍ର ସହ ସମ୍ପର୍କ ରଖିବାକୁ ପଡ଼ିଥାଏ। ଏ କ୍ଷେତ୍ରରେ କୂଟନୈତିକ ଆଚରଣ ଓ ଶାଳୀନତା ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଫ୍ରାନ୍ସର ରାଷ୍ଟ୍ରପତି ମାକ୍ରନ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଷ୍ଟାର୍ମର ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଟ୍ରମ୍ପ ଯେଉଁ ଆଚରଣ ଓ ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହା ବିଶ୍ୱବାସୀଙ୍କୁ ଚକିତ କରିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବାଦ୍ ଦେଲେ ସେ ଅନ୍ୟ କୌଣସି ରାଷ୍ଟ୍ର ସହ ସୁସମ୍ପର୍କ ସ୍ଥାପନ କଲାଭଳି ମନେହେଉନାହିଁ। ଯେଉଁ ରାଷ୍ଟ୍ର ବିରୋଧରେ ନାଟୋ ସାମରିକ ମେଣ୍ଟ ଆମେରିକା ନେତୃତ୍ୱରେ ଗଠିତ ହୋଇଥିଲା, ତାହା ଏହି ପରିବର୍ତ୍ତିତ ପରିବେଶରେ ଅର୍ଥହୀନ ହୋଇପଡ଼ିଛି। ସମସ୍ତେ ଅପେକ୍ଷା କରିଛନ୍ତି ଟ୍ରମ୍ପଙ୍କୁ କିଏ ଠିକଣା ଜବାବ ଦେବ। ଜାନୁଆରୀ ୨୦ରେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକାର ପ୍ରଥମ କଂଗ୍ରେସ ଅଧିବେଶନରେ ଅଭିଭାଷଣ ଦେଇ ପୁଣି ସେହି ଟାରିଫ ଯୁଦ୍ଧକୁ ଦୋହରାଇଥିଲେ। ଗତ ବୁଧବାର ଚୀନ ତାହାର ଉଚିତ ଜବାବ ରଖିଛି। ଆମେରିକାରେ ଅବସ୍ଥାପିତ ଚୀନ୍ ରାଷ୍ଟ୍ରଦୂତ କହିଛନ୍ତି ଯେ ଟ୍ରମ୍ପ ଯେଉଁଭଳି ଆଭିମୁଖ୍ୟ ରଖିବେ ତାହାର ମୁକାବିଲା କରିବାକୁ ତାଙ୍କ ଦେଶ ପ୍ରସ୍ତୁତ। ଟାରିଫ ଯୁଦ୍ଧ ହେଉ କି ବାଣିଜ୍ୟ ଯୁଦ୍ଧ, ଯେକୌଣସି ପ୍ରକାର ବିପଦକୁ ନେଇ ଚୀନ୍ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପ୍ରସ୍ତୁତ ଅଛି। ସେ ଦେଇଥିବା ଆହ୍ୱାନ କେବଳ ଟ୍ରମ୍ପ ପ୍ରଶାସନ ନୁହେଁ ସମଗ୍ର ବିଶ୍ୱବାସୀଙ୍କୁ ହତଚକିତ କରିଛି। ଦୁଇପଡ଼ୋଶୀ ରାଷ୍ଟ୍ର ମେକ୍ସିକୋ ଓ କାନାଡ଼ା ଉପରେ ୨୫ ପ୍ରତିଶତ ହାରରେ ଟାରିଫ ଲଗାଇବାକୁ ଟ୍ରମ୍ପ ଘୋଷଣା କରିଛନ୍ତି। ସେହିଭଳି ଚୀନ୍ ସାମଗ୍ରୀ ଉପରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରାଯିବ। ଭାରତ ଉପରେ ଏପ୍ରିଲ ୨ରୁ ରେସିପ୍ରୋକାଲ୍ ଟାରିଫ ଲାଗୁ କରାଯିବ। ବର୍ଦ୍ଧିତ ଶୁଳ୍କକୁ ନେଇ ବିଶ୍ୱ ବାଣିଜ୍ୟ ସଂଗଠନରେ ଚୀନ୍ ପଛକୁ କାନାଡ଼ା ମଧ୍ୟ ଫେରାଦ ହୋଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି ଯେ ଆମେରିକା ପ୍ରାୟ ୩୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ତାଙ୍କ ଦେଶରୁ ଆମଦାନୀ କରୁଛି। ଏହା ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ ହେଲେ କାନାଡ଼ାର ଘରୋଇ ଅର୍ଥନୀତିରେ ଗୁରୁତର ସଂକଟ ସୃଷ୍ଟି ହେବ। ଏହା ଡବ୍ଲ୍ୟୁଟିଓ ନିୟମର ଖୋଲା ଉଲ୍ଲଂଘନ। ନିଜର ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଚୀନ୍ ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ହୋଇଥିବାରୁ ଟ୍ରମ୍ପଙ୍କ ଧମକରେ ଚମକି ପଡ଼ି ଲାଙ୍ଗୁଳ ଜାକିବା ଅବସ୍ଥାରେ ନାହିଁ। ବୈଷୟିକ ଜ୍ଞାନ କୌଶଳରେ ଚୀନ୍ ନିଜେ ସ୍ୱୟଂସମ୍ପୂର୍ଣ୍ଣ। ଏହାଛଡ଼ା ବିପୁଳ ମାନବ ସମ୍ବଳର ସଦୁପଯୋଗ କରି କମ୍ ଖର୍ଚ୍ଚରେ ଉତ୍ପାଦ ପ୍ରସ୍ତୁତ କରିପାରୁଥିବାରୁ ସମଗ୍ର ବିଶ୍ୱ ବଜାରରେ ତାହାର ପ୍ରାଧାନ୍ୟ ଜାହିର କରୁଛି। ଆମେରିକୀୟ ବଜାରରେ ଚୀନ୍ ସାମଗ୍ରୀର ଚାହିଦା ଅଧିକ। ତେଣୁ ବର୍ଦ୍ଧିତ ଟାରିଫରେ ସେ ଅନ୍ୟମାନଙ୍କ ଅପେକ୍ଷା କମ୍ କ୍ଷତି ସହିବ। ଆମେରିକାକୁ ବାଦ ଦେଲେ ବିଶ୍ୱର ଅନ୍ୟତ୍ର ବେପାରବଣିଜ ସମ୍ପ୍ରସାରଣ କରିବାରେ ଚୀନ୍ ସେଭଳି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବ ନାହିଁ। ଆମେରିକା ସହ ୨୦୨୪ରେ ଚୀନ୍‌ର ମୋଟ ବାଣିଜ୍ୟିକ କାରବାର ୫୮୨.୪ ବିଲିୟନ ଡଲାର। ସେଥିମଧ୍ୟରୁ ଚୀନ୍‌କୁ ମାତ୍ର ୧୪୩.୫ ବିଲିୟନ ଡଲାର ସାମଗ୍ରୀ ଆମେରିକା ରପ୍ତାନି କରୁଥିବା ବେଳେ ୪୩୮.୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଛି।

# ନାରୀ ହେଉ ସମାଜର ଧନ୍ୟା ଓ ବିଶ୍ୱ ବରେଣ୍ୟା



### ଭୋଳାନାଥ ସାହୁ

ସମାଜର ସୃଷ୍ଟି ଏବଂ ବିକାଶରେ ନାରୀର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀ ବିନା ଆଜିର ସମାଜ ଅପୂର୍ଣ୍ଣ, ଅପରିପକ୍ୱ, ଅସଂସ୍କାରିତ, ଅମାର୍ଜିତ ଏବଂ ଅବିକଶିତ। ତେଣୁ ନାରୀ ସଶକ୍ତିକରଣ ନିତାନ୍ତ ଜରୁରୀ। କାରଣ ନାରୀ ସଶକ୍ତିକରଣ ସାମାଜିକ ପ୍ରଗତିର ଦିଶା ନିର୍ଣ୍ଣୟ କରେ। ଯେଉଁଥିପାଇଁ ବିଶ୍ୱବ୍ୟାପୀ ନାରୀର ଅଧିକାର, ସୁଯୋଗ ଏବଂ କଲ୍ୟାଣ ସାବ୍ୟସ୍ତ ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ଆଜିର ପୁରୁଷ ପ୍ରାଧାନ୍ୟ ସମାଜ ନାରୀଙ୍କୁ ପୁରୁଷ ମାନଙ୍କ ସହ ସମାନଅଧିକାର ଦେବାକୁ କୁଣ୍ଠିତ। ନାରୀ ସଶକ୍ତିକରଣ ସେମାନଙ୍କୁ ସମାଜରେ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ନୈତିକ ତଥା ଜୀବନର ସମସ୍ତ କ୍ଷେତ୍ରରେ ପୁରୁଷ ମାନଙ୍କ ସହିତ ସମାନତା ଆଣିବାର ଏକ ପ୍ରକ୍ରିୟା। ଏହାଦ୍ୱାର କେବଳ ନାରୀର ବୈୟକ୍ତିକ ବିକାଶ କରାଯାଏ ନାହିଁ, ବରଂ ଦେଶ ବିକାଶର ପ୍ରକୃତ ଧାରା ସୃଷ୍ଟି କରିଥାଏ।

ନାରୀକୁ ନିଜର ପସନ୍ଦ କରିବା, ନିଜ ଜୀବନ ଉପରେ ନିୟନ୍ତ୍ରଣ କରିବା ଓ ସମାଜର ପୁରୁଷ ମାନଙ୍କ ସହିତ ସମାନ ସୁଯୋଗ ପାଇବାର ଶକ୍ତିକୁ ନାରୀ ସଶକ୍ତିକରଣ କୁହାଯାଏ। ସାମାଜିକ କ୍ଷେତ୍ରରେ ନାରୀକୁ ପୂର୍ଣ୍ଣ ଅଂଶଗ୍ରହଣ କରିବା କ୍ଷମତାକୁ ସୁନିଶ୍ଚିତ କରିବା ପ୍ରକ୍ରିୟାକୁ ନାରୀ ସଶକ୍ତିକରଣ ସୂଚାଇଥାଏ। ଅର୍ଥାତ ଯାହା ମାଧ୍ୟମରେ ନାରୀ ନିଜର ଶିକ୍ଷା, ରୋଜଗାର, ରାଜନୈତିକ ପ୍ରତିନିଧିତ୍ୱ, ସ୍ୱାସ୍ଥ୍ୟସେବା ଓ ହିଂସା ଭେଦଭାବରୁ ମୁକ୍ତ କରିବାର ଅଧିକାରକୁ ବୁଝାଏ। ନାରୀ ସଶକ୍ତିକରଣ ମାଧ୍ୟମରେ ପ୍ରତ୍ୟେକ ନାରୀ ସମାଜର ପ୍ରତିଟି ସ୍ତରରେ ପୂର୍ଣ୍ଣ ପ୍ରତିନିଧିତ୍ୱ କରିବାର କ୍ଷମତା ଲାଭ କରିଥାଏ।

ନାରୀ ସଶକ୍ତିକରଣକୁ ସମ୍ମାନ ପ୍ରଦାନ ପୂର୍ବକ ସେମାନଙ୍କୁ ସଂଗଠିତ କରି ସେମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ନାରୀ ସଶକ୍ତିକରଣର ମୁଖ୍ୟ ଉଦ୍ଦେଶ୍ୟ। ଶାସ୍ତ୍ର ବର୍ଣ୍ଣିତ ମନୁଙ୍କ ମତରେ – 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ତତ୍ର ରମ୍ୟନ୍ତେ ଦେବତା।' ଅର୍ଥାତ ଯେଉଁଠାରେ ନାରୀ ମାନେ ପୂଜା ପାଆନ୍ତି ସେଠାରେ ଦେବତା ମାନେ ବାସ କରନ୍ତି। ନାରୀ ଭଗିନୀ, ଜାୟା ଓ ଜନନୀ ଭୂମିକାର ଏକ ଉତ୍ସର୍ଗୀକୃତ ରୂପ। ଏହି ରୂପ ଭିତରେ କେତେବେଳେ ସେ ସ୍ନେହମୟୀ ତ, ପୁଣି କେତେବେଳେ ସଂହାରିଣୀ। ତଥାପି ଆଜିର ସମାଜରେ ନାରୀ ଅବହେଳିତ, ନିର୍ଯ୍ୟାତିତ ଓ ନିଷ୍ପେଷିତ। ଏବେ ମଧ୍ୟ ସମାଜରେ କନ୍ୟା ଭ୍ରୂଣହତ୍ୟା ନିରନ୍ତର ଭାବରେ ଚାଲିଛି। ନାରୀ ଶିକ୍ଷା ବିରୋଧରେ ସ୍ୱରଉତୋଳିତ ହେଉଛି, ଯୌତୁକ ନିର୍ଯ୍ୟାତନାର ଯୁଇରେ ନବବଧୂ ଜଳୁଛି। ଆଉ ବଳାତ୍କାର ପରି ଅମାନୁଷିକ ଯନ୍ତ୍ରଣାରେ ଛଟପଟ ହେଉଛି। ଏସବୁରୁ ମୁକ୍ତି ନିମନ୍ତେ ନାରୀ ସଶକ୍ତିକରଣ ଯଥାର୍ଥ ଭୂମିକା ଗ୍ରହଣ କରିପାରିବ। ସମାଜରେ ଲିଙ୍ଗଗତ ସମାନତା ଆଣିବା, ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଓ ଅଧିକାରକୁ ସଶକ୍ତ କରିବାରେ ନାରୀ ସଶକ୍ତିକରଣ ପ୍ରୋତ୍ସାହିତ କରିଥାଏ। ଉପଯୁକ୍ତ ସୁବିଧା ସୁଯୋଗ ପାଇପାରିଲେ ନାରୀଟିଏ ସବୁକିଛି କରିପାରିବ। ବୈଦିକ ଯୁଗରୁ ଆଜିର ଯୁଗ ପର୍ଯ୍ୟନ୍ତ ଗାର୍ଗୀ, ଲୋପାମୁଦ୍ରା, ବିଶ୍ୱବାରା, ସଂଘମିତ୍ରା, ପ୍ରଭୁଦେବା, ଶିଳଭଟ୍ଟାରିକା, ସୁମେଧା, ପ୍ରିୟଙ୍କା, ଗୁଲବଦନ, ମମତାଜ, ନୁରଜାହାନ, ଯାହାନ୍ନାରା, ବିଷ୍ଣୁବର୍ଦ୍ଧନ, ଝାନସୀରାଣୀ ଲକ୍ଷ୍ମୀବାଇ, ଇନ୍ଦିରାଗାନ୍ଧୀ, କିରଣବେଦି, ଦ୍ରୌପଦୀ ମୁର୍ମୁଙ୍କ ପରି ମହିୟସୀ ମହିଳା ଜନ୍ମନେଇ ସେମାନଙ୍କ ବିଦୁଷିନୀ ପଣିଆକୁ ଦେଖାଇପାରିଛନ୍ତି। ତେଣୁ ମୁକ୍ତ କଣ୍ଠରେ କହିପାରିବା –

"ନାରୀ ସମାଜରେ ଧନ୍ୟା,
ବିଶ୍ୱବରେଣ୍ୟା
ସଶକ୍ତିକରଣେ ଉଡ଼ାଇବା ତାଙ୍କ
ଜୟବାନା।"

୧୮୪୮ ମସିହାରେ ଆମେରିକାରେ ନାରୀ ସଶକ୍ତିକରଣର ସର୍ବପ୍ରଥମ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହାପରେ ୧୯୧୭ ମସିହା ମାର୍ଚ୍ଚ ୮ ତାରିଖରେ ନାରୀ ମାନେ ସଂଘବଦ୍ଧ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ନାରୀ ସଶକ୍ତିକରଣ ଏକ ଦୀର୍ଘ ଏବଂ ବିକାଶଶୀଳ ସଂଘର୍ଷ ପ୍ରକ୍ରିୟା ଅଟେ। ଅନେକ ରାଷ୍ଟ୍ରରେ ନାରୀ ମାନଙ୍କୁ ଭୋଟ ଦେବା ଅଧିକାର, ସମ୍ପତି ମାଲିକାନା ସ୍ୱତ୍ୱ, ଉଚ୍ଚଶିକ୍ଷାଲାଭରୁ ବଂଚିତ କରାଯାଉଥିଲା। ଊନ୍ନବିଂଶ ଏବଂ ବିଂଶ ଶତାବ୍ଦୀରେ ମହିଳାଙ୍କ ମତଦାନ ଆନ୍ଦୋଳନ ସମାଜରେ ଏକ ଭିନ୍ନମୋଡ଼ ଆଣିଥିଲା। ୧୯୬୦ ଓ ୧୯୭୦ ଦଶକରେ ନାରୀବାଦୀ ଗତିବିଧି ମହିଳାଙ୍କୁ କର୍ମକ୍ଷେତ୍ରରେ ସମାନତା, ପ୍ରଜନନ ଅଧିକାର ଓ ଲିଙ୍ଗଭିତିକ ହିଂସାରୁ ମୁକ୍ତି ପାଇ ପୃଷ୍ଠପୋଷକତା କରିଥିଲା ସାମ୍ପ୍ରତିକ ଦଶନ୍ଧିରେ ନାରୀ ଶିକ୍ଷା, ନିଯୁକ୍ତି, ରୋଜଗାର, ରାଜନୀତିରେ ଭାଗୀଦାରି, ପୈତୃକ ସମ୍ପତିରେ ଅଂଶୀଦାର ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବାର ଦେଖାଯାଏ। 'ଳରେ ନାରୀ ମାନେ ପୂର୍ବାପେକ୍ଷା ସାମାଜିକ ସ୍ତରରେ ଅଧିକ ନେତୃତ୍ୱ ନେବାର ସୁଯୋଗ ପାଇପାରିଛନ୍ତି। କୁହାଯାଏ –

"ସମାଜ ରୂପକ ପ୍ରଗତିରଥ
ନାରୀ ଓ ପୁରୁଷ ଦୁଇଟି ଚକା"

ଆଜିର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହିଭାବନାକୁ ନେଇ ନାରୀ ସଶକ୍ତିକରଣ ଦିଗରେ ଯଥାଯଥ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି। ଭାରତୀୟ ସମ୍ବିଧାନରେ ମଧ୍ୟ ମହିଳା ମାନଙ୍କର ସମାନ ଅଧିକାର ପାଇବାର ବ୍ୟବସ୍ଥା ରହିଛି। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ 'ଆନ୍ତର୍ଜାତିକ ମହିଳା ଦିବସ' ଭାବରେ ପାଳନକରାଯାଇ ଆସୁଅଛି।

ଏଯାବତ ବିକାଶଶୀଳଦେଶ ତଥା ଦ୍ୱନ୍ଦ୍ୱ ପ୍ରଭାବିତ ଅଂଚଳରେ ମହିଳା ସଶକ୍ତିକରଣ, ଘରୋଇ ନିର୍ଯ୍ୟାତନା, ମାନବ ଚାଲାଣ, ଲିଙ୍ଗଭିତିକ ହିଂସା ପ୍ରଭୃତି ପ୍ରସଙ୍ଗ ହୋଇ ରହିଛି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବିଶ୍ୱର ପ୍ରାୟ ୩ ଜଣ ମହିଳାଙ୍କ ମଧ୍ୟରୁ ଜଣେ ଶାରୀରିକ ହିଂସା ଅନୁଭବ କରୁଛନ୍ତି। ଏହା ପ୍ରାୟତଃ ଅନ୍ତରଙ୍ଗ ସାହଭାଗୀଙ୍କ ଦ୍ୱାରା ହେଉଅଛି। ସମାନ କାମ ପାଇଁ ସମାନ ବେତନ / ମଜୁରୀ ମିଳୁନାହିଁ। ଏପରିକି **COVID-୧୯** ସମୟରେ ଅନେକ ମହିଳା ନିଜର ବୃତି ଓ ରୋଜଗାର ହରାଇଛନ୍ତି। ବିସ୍ତୃତ ନିୟମ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସାମ୍ପ୍ରଦାୟିକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଏହି ଚ୍ୟାଲେଞ୍ଜର ସମାଧାନ ଏକାନ୍ତ ଜରୁରୀ।

ବାସ୍ତବରେ ପୁରୁଷଟିଏ ଶିକ୍ଷିତ ହେଲେ ଆଉ ଗୋଟିଏ ବ୍ୟକ୍ତି ଶିକ୍ଷିତ ହୁଏ। ମାତ୍ର ନାରୀଟିଏ ଶିକ୍ଷିତାହେଲେ ସମଗ୍ର ପରିବାର ଶିକ୍ଷିତା ହୁଏ। ସାମ୍ପ୍ରତିକ ସମାଜ ସେହି ନାରୀକୁ ତାର ଯଥାଯୋଗ୍ୟ ସମ୍ମାନ ଓ ଅଧିକାର ଦେବା ପାଇଁ ପ୍ରସ୍ତୁତ ନୁହେଁ। ଏବେ ମଧ୍ୟ ଆମ ସମାଜ ନାରୀ ଜନ୍ମକୁ ଏକ ଅଭିଶାପ ଓ ସହଶିକ୍ଷାକୁ ଏକ ବାସନ୍ଦ ଭାବରେ ଗ୍ରହଣ କରିଚାଲିଛି। ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ସହକର୍ମିଣୀ ପ୍ରଭୃତି ଶବ୍ଦ କେବଳ ଅଭିଧାନରେ ରହିଯାଇଛି। ଆଜିର ନାରୀ ପ୍ରମାଣ କରି ଦେଖାଇବା ଦରକାରଯେ ପ୍ରଗତି ମୂଳକ ସମାଜରେ ନାରୀ ଓ ପୁରୁଷ ମଧ୍ୟରେ କୌଣସି ତାରତମ୍ୟ ନାହିଁ। ନାରୀ ନିଜକୁ ଏରୁଣ୍ଡିବନ୍ଧ ଭିତରର ମଣିଷ ନଭାବି ନିଜର ଅଧିକାର ସାବ୍ୟସ୍ତ ପାଇଁ ମାନସିକ ସ୍ତରରୁ ପ୍ରସ୍ତୁତ ହୋଇ ଆଗେଇ ଆସିଲେ ନାରୀ ସଶକ୍ତିକରଣ ସୁଦୃଢ଼ ହୋଇ ପାରିବ। ପ୍ରମାଣିତ ହେବ ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ। ସେ ଅସୀମ ଶକ୍ତିର ଅଧିକାରିଣୀ।

ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ପ୍ରଶ୍ନ ଓ ଉପଲବ୍ଧି



### ଅନୀତା ପଟ୍ଟନାୟକ

ମୁଁ ଦିନେ ଜଗନ୍ନାଥଙ୍କ ନିକଟରେ ଉପଲବ୍ଧି କଲି, ଯେ ଭଗବାନ ମତେ କିଛି ଦୃଶ୍ୟ ଓ ଅଦୃଶ୍ୟ ଜିନିଷ ଦେଇଛନ୍ତି। ଦୃଶ୍ୟ ଜିନିଷକୁ ଅଦୃଶ୍ୟ ଜିନିଷ ଗୁଡ଼ିକ ପରିଚାଳିତ କରୁଛନ୍ତି। ମୋର ଦୃଶ୍ୟମାନ ଦେହ ଭିତରେ ମନ, ଆତ୍ମା, ବିବେକ, ବୁଦ୍ଧି ପ୍ରଭୃତି ଅଛନ୍ତି। ମୁଁ ଅନୁଭବ କଲି ମୋର ତିନି ପ୍ରକାରର ଅସୁସ୍ଥତା ଅଛି। ତାହା ହେଉଛି ଶାରୀରିକ, ମାନସିକ, ଆଧ୍ୟାତ୍ମିକ। ବିଭିନ୍ନ ବିଷଦ୍ୱାରା ମୋର ଶାରୀରିକ ରୋଗ ହେଉଅଛି। ମୋର ଭିତରେ ଭୟ, ଦୁଶ୍ଚିନ୍ତା, କ୍ରୋଧ ପ୍ରଭୃତି ଖଞ୍ଜା ଯାଇଥିବାରୁ ମୋର ମାନିସକ ସନ୍ତୁଳନତା ବିଗିଡ଼ି ଯାଉଛି ଓ ମୁଁ ଅସୁସ୍ଥ ହୋଇ ପଡୁଛି। ଆଧ୍ୟାତ୍ମିକ ଅସୁସ୍ଥତା ମୋର ଅଜ୍ଞାନତାରୁ ସୃଷ୍ଟି ହୋଇଛି। ମୋର ଅଜ୍ଞତା ହିଁ ମୋର ସବୁଠାରୁ ବଡ଼ ରୋଗ ହୋଇଯାଇଛି।

ରାଥାରୁଢ଼ ଜଗନ୍ନାଥ ସତେଯେପରି ମୋତେ କହିଲେ ଦେଖ! ଯେଉଁମାନେ ଏଠାକୁ ଆସୁଛନ୍ତି ଦିନେ ସେମାନେ ସେଲଫି ଉଠାଇ, ବଡ଼ଦାଣ୍ଡର ଚାକଚକ୍ୟରେ ବୁଡ଼ିଯିବା ପାଇଁ, ସମୁଦ୍ରରେ ସ୍ନାନ ପାଇଁ, ବ୍ୟବସାୟ ଓ ବ୍ୟବସାୟିକ ପଦାର୍ଥରେ ମାତିଯିବା ପାଇଁ ଆସିନଥିଲେ। ସେମାନେ ଆସିଥିଲେ ପଚାରିବା ପାଇଁ ଯେ ସେମାନେ କିଏ? କେଉଁଠାରୁ ଆସିଛନ୍ତି? କେଉଁଠାକୁ ଯିବେ? ଓ କେଉଁଠାରେ ଅଛନ୍ତି? ଏହି ପ୍ରଶ୍ନର ଉତ୍ତର ସରଳ ହୋଇଥିଲେ ମଧ୍ୟ ତାହାକୁ ଭୁଲିଯାଇ ସଂସାରର ଜଟିଳତାରେ ସେମାନେ ପ୍ରବେଶ କଲେ। ମତେ ପ୍ରଭୁ କହିଲେ, ତୋର ଶରୀର କ୍ଷଣଭଙ୍ଗୁର ଏହାର ଜନ୍ମ, ଅଭିବୃଦ୍ଧି ଓ ପରିପକ୍ୱତା ହେବାପରେ ସେ କ୍ଷୟ ଓ ମୃତ୍ୟୁକୁ ଲାଭ କରିଥାଏ। ଆଶ୍ଚର୍ଯ୍ୟ ଚକିତ ହୋଇ ମୁଁ ଜଗନ୍ନାଥଙ୍କୁ କହିଲି ମୋର ଭିତରେ ଦେଇଥିବା ମନଟି ମଧ୍ୟ ଏହି ପ୍ରକ୍ରିୟାରୁ ବାଦ ପଡ଼ିପାରୁନାହିଁ। ମୋର ଜନ୍ମ ସହିତ ମନର ଜନ୍ମ ହେଉଛି। ଶରୀରର ଅଭିବୃଦ୍ଧି ସହ ମନର ମଧ୍ୟ ଅଭିବୃଦ୍ଧି ହେଉଛି। ମୁଁ ପରିପକ୍ୱତା ଲାଭ କରିବା ସମୟରେ ଦେଖୁଛି ଏହା ମନର ପରିପକ୍ୱତା ହେତୁ ଘଟିଅଛି। ଶରୀରର କ୍ଷୟ ସହିତ ମନର ମଧ୍ୟ କ୍ଷୟ ଘଟୁଛି ଓ ମୁଁ ମୃତ୍ୟୁ ଲାଭ କଲେ ମନର ମଧ୍ୟ ମୃତ୍ୟୁ ହେଉଛି।

ପ୍ରଭୁ ଜଗନ୍ନାଥ ସତେଯେପରି କହିଲେ, ପୃଥିବୀ ନାହିଁ ଅର୍ଥ ଭଗବାନ ନାହାଁନ୍ତି। ଭଗବାନ ଅର୍ଥ ମନୁଷ୍ୟ ଯାହାଙ୍କୁ ଭଗବାନର ଆଖ୍ୟା ଦେଇଛି। ପ୍ରାଣୀ ଜଗତ ନାହିଁ ଅର୍ଥ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିବାର ବସ୍ତୁ ନାହିଁ। ସେଥିପାଇଁ ମୁଁ ତୋ ଭିତରେ ଓ ମଣିଷ ମାନଙ୍କ ଭିତରେ କେତେକ ଶକ୍ତି ଦେଇଛି। ତାହାହେଉଛି ପ୍ରେରଣା, ବିବେକ ଓ ବୁଦ୍ଧି। ବିବେକ, ବୁଦ୍ଧି ଏଥିପାଇଁ ଦିଆଯାଇଛି କାରଣ ତୁ ସତ୍ ଓ ଅସତ୍ ବିଷୟରେ ପ୍ରାର୍ଥକ୍ୟ ଜାଣିପାରିବୁ। ମଣିଷମାନେ ନିଜର ଅନ୍ତରାତ୍ମାକୁ ପରିପୁଷ୍ଟ ନକରି ମୋ ନିକଟକୁ ଆସିଥଲେ ମଧ୍ୟ ମୌଳିକ ପ୍ରଶ୍ନ ମୁଁ କିଏ? ମୁଁ କେଉଁଠାରୁ ଆସିଛି? ମୁଁ କେଉଁଠାକୁ ଯିବି? ଏହାକୁ ଭୁଲିଯାଇ ସଂସାରକୁ ପରିପୁଷ୍ଟ କରୁଛି। ସେ ଦେଖୁଛି। ଅନୁଭବ କରୁଛି ଯେ ସେ ବାହ୍ୟ ଜଗତର ଯେଉଁ ବସ୍ତୁ ଗୁଡ଼ିକୁ ଦିନେ ଆଗ୍ରହର ସହିତ ଘରକୁ କିଣିଆଣିଥିଲା ତାହା ସବୁ ଅଦରକାରୀ ଓ ଅନଗ୍ରହ ପଦାର୍ଥରେ ପରିଣତ ହୋଇଯାଇଛି। ଅଦୃଶ୍ୟ ଭାବେ ଅଜାଣତରେ କେତେବେଳେ ଏସବୁ ଜିନିଷ ଘଟି ଯାଇଛି। ବର୍ତ୍ତମାନ ତାକୁ ସେହି ଅନାଗ୍ରହ ବସ୍ତୁଗୁଡ଼ିକୁ ଫୋପାଡ଼ି ଦେଇ ପୁଣି ଜାଗତିକ ଆକର୍ଷଣୀୟ ପଦାର୍ଥ ଗୁଡ଼ିକୁ କିଣି ଆଣିବାକୁ ଚାହୁଁଛି। ସେ ଭାବୁଛି ସେଥିରେ ଆନନ୍ଦ ରହିଅଛି।

ପ୍ରଭୁ ଜଗନ୍ନାଥଙ୍କୁ ଏପରି କାହିଁକି ହେଉଛି ପଚାରିବାରୁ ପ୍ରଭୁ କହିଲେ ତୋର ପ୍ରେରଣା ଓ ପ୍ରବୃତ୍ତିର ଅନ୍ତନାହିଁ। ଏକାନ୍ତରେ ଓ ପର୍ବତ ଶିଖରରେ ତୋର ପ୍ରେରଣା ଓ ପ୍ରବୃତ୍ତି ଯୋଗୁ ତୁ ଶାନ୍ତିକୁ ଖୋଜୁଅଛୁ। ବିଭିନ୍ନ ପବିତ୍ର ନଦୀ ଓ ମହୋଦଧିରେ ବୁଡ଼ ଦେଇ ଶାନ୍ତିର ସ୍ଥାନ ଖୋଜିବାକୁ ଚାହୁଁଛୁ। କେତେକଙ୍କର ଯାତ୍ରା ଶୀଘ୍ର ସରିଯାଉଥିଲେ ମଧ୍ୟ କେତେକଙ୍କର ଯାତ୍ରା ବିଳମ୍ବ ହୁଏ। ତୋର ଶରୀର ଏକ ସୁନ୍ଦର ବିଶ୍ରାମ ସ୍ଥଳୀ ଯେଉଁଠାରେ ମୁଁ ଆତ୍ମାରୂପରେ ବିଦ୍ୟମାନ। ତୁ ନିଜ ଠାରେ ମତେ ପାଇବା ଠାରୁ ବଳି ଅଧିକ ଶାନ୍ତିପ୍ରଦ ସ୍ଥାନ ନାହିଁ। ମୁଁ ଆକାର ଓ ନିରାକାର ମଧ୍ୟ। ମୁଁ ତତେ ଆଶୀର୍ବାଦ କରୁଛି ଏହାକୁ ଉପଲବ୍ଧି କର ଓ ଜୀବନରେ ଶାନ୍ତିଲାଭ କର।

ଅବସରପ୍ରାପ୍ତ ପ୍ରଧାପିକା,
ସେକ୍ଟର-୧୦, ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬

# ବିଜୁ ବାବୁଙ୍କୁ କେମିତି ମିଳିବ ଭାରତରତ୍ନ !



### ସୁବ୍ରତ କର

ବହୁତ ପାଟିତୁଣ୍ଡ ହୋଇଗଲା ଏସେମ୍ବ୍ଲି ଭିତରେ ଏବଂ ଶେଷରେ ବାଚସ୍ପତି ମହୋଦୟଙ୍କୁ ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବି ରଖିବା ପାଇଁ ନିଷ୍ପତ୍ତି ନେବା ପାଇଁ ବାଧ ହେଲେ। ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି ଯେ ଅନ୍ତତଃ ବିଜୁ ବାବୁଙ୍କ ପାଇଁ ସାରା ଓଡ଼ିଶାବାସୀଙ୍କ ଭଲ ପାଇବା ଥିବାବେଳେ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ଟଣା ଓଟରା ଲାଗିବାରେ ବ୍ୟସ୍ତ। ଦଳମତ ନିର୍ବିଶେଷରେ ସାରା ଓଡ଼ିଶା ଏକଜୁଟ୍ ବା କେମିତି ବିଜୁବାବୁଙ୍କୁ ଯଥାଶିଘ୍ର ଭାରତରତ୍ନ ସମ୍ମାନ ମିଳୁ। ସମୟ ଥିଲା ଆମ ରାଜ୍ୟକୁ ବାହାର ରାଜ୍ୟର ଲୋକମାନେ ଚିହ୍ନୁଥିଲେ ଦୁଇଟା କାରଣରୁ। ଗୋଟାଏ ହେଲା ଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଏବଂ ଅନ୍ୟଟି ହେଲା ବିଜୁବାବୁଙ୍କ ପାଇଁ। ମୁଁ ଜାଣିଛି ମୁଁ ଯେତେବେଳେ ବମ୍ବେରେ ପାଠ ପଢୁଥିଲି (ସତୁରୀ ଦଶକରେ) ସେତେବେଳେ ବହୁ ଲୋକ ଆମ ରାଜ୍ୟକୁ ପଟ୍ଟନାୟକ'ର ଦେଶ ବୋଲି କହୁଥିଲେ। ବିଜୁ ବାବୁଙ୍କ ଭଳି ବ୍ୟକ୍ତିତ୍ୱ ଥିବା ଲୋକ ଆମ ରାଜ୍ୟରେ ଜନ୍ମ ନେବେ କି ନାହିଁ ଜଣାନାହିଁ। ଟିକିଏ ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେଉ ହେଉ ରହିଗଲେ ଓ ଶେଷରେ ଦେବେଗୌଡ଼ା ପ୍ରଧାନମନ୍ତ୍ରୀ ହୋଇଗଲେ। ଓଡ଼ିଶାର ପରିଚୟ ବିଦେଶରେ ବିଜୁ ବାବୁଙ୍କ ପାଇଁ ବିଶେଷ ଭାବରେ ପ୍ରଚାର ଏବଂ ପ୍ରସାର ହୋଇଥିଲା। ସେତେବେଳକାର ପ୍ରଧାନମନ୍ତ୍ରୀ ମାନେ (ନେହେରୁଜୀ ଏବଂ ଇନ୍ଦିରା ଜୀ) ବିଜୁବାବୁଙ୍କୁ ସମ୍ମାନ ଦେଉଥିଲେ ଏବଂ ବହୁ ବିଷୟରେ ତାଙ୍କଠୁ ଉପଦେଶ ନେଉଥିଲେ। ତାଙ୍କରି ସମୟରେ ଭୁବନେଶ୍ୱରଠାରେ ପ୍ରଥମ କରି ଦେଶର କଂଗ୍ରେସ ଦଳର ବାର୍ଷିକ ସମ୍ମିଳନୀ ହୋଇଥିଲା। ସେ ତାଙ୍କ ସମୟରେ ଓଡ଼ିଶା ପାଇଁ ବହୁତ କିଛି କରି ପାରିଥିଲେ। ଯେଉଁଥିପାଇଁ କି ସେହି ସମୟରେ ବିଜୁ ବାବୁ ବହୁତ ଶିଳ୍ପପତିଙ୍କର ହିଂସାର ପାତ୍ର ହୋଇଥିଲେ। ସବୁଠୁ ତାଙ୍କର ବଡ଼ ଘଟଣା ଘଟାଇଥିବା କାର୍ଯ୍ୟ ହେଉଛି ମହିଳା ମାନଙ୍କ ପାଇଁ ୩୦% ସଂରକ୍ଷଣର ବ୍ୟବସ୍ଥା। ଏହି ଘଟଣାଟି ଘଟିଥିଲା ଆମ ଜିଲ୍ଲାରେ ୧୯୯୩ ମସିହାରେ, ଗାନ୍ଧୀସ୍ମୃତି ଭବନରେ। ରାଜ୍ୟର ଓ.ଏ.ଏସ ସମ୍ମିଳନୀ ଚାଲିଥାଏ ଏବଂ ସେ ମୁଖ୍ୟମନ୍ତ୍ରୀ ହିସାବରେ (ଦ୍ୱିତୀୟଥରରେ) ମୁଖ୍ୟ ଅତିଥି ଭାଷଣରେ କହିଥିଲେ 'ମୁଁ ଭୁବନେଶ୍ୱର ଫେରିଯାଏ ମୋତେ ଗୋଟାଏ କିଛି କରିବାକୁ ପଡ଼ିବ" ଏବଂ ଅଳ୍ପଦିନ ପରେ ମହିଳା ମାନଙ୍କ ପାଇଁ ୩୦ ଭାଗ ସଂରକ୍ଷଣ ଚାକିରୀ ଏବଂ ପାଠପଢ଼ା ପାଇଁ ବ୍ୟବସ୍ଥା କରିଦେଲେ ଏବଂ ଏହା ପରେ ପରେ ଏହି ବ୍ୟବସ୍ଥାକୁ ସାରା ଦେଶ ମାନିଲା ଏବଂ ମହିଳା ମାନଙ୍କ ସଂରକ୍ଷଣର ବ୍ୟବସ୍ଥା କରିଲେ। ସେ ଯାହା କହୁଥିଲେ କରୁଥିଲେ ଏବଂ ଅନେକ ଥର ସାଇକେଲ ଧରି ସେ ସେକ୍ରେଟାରିଏଟକୁ ଆସି ଅଫିସ କାମ କରିଛନ୍ତି। ଏବେକାର ପିଲାମାନେ ବିଜୁ ବାବୁଙ୍କ ବିଷୟରେ ଅବଗତ ହେବା ଉଚିତ ଏବଂ ଏହି କାର୍ଯ୍ୟଟି ଏହି ନୂଆ ସରକାର କରିବା ଉଚିତ। ପୁରୁଣା ସରକାର ୨୪ବର୍ଷ ରହିଲା ପରେ ଦିଲ୍ଲୀରୁ ଖୁବ୍ ସହଜରେ ତାଙ୍କ ପାଇଁ ଭାରତ ରତ୍ନ ଆଣିବା ଉଚିତ ଥିଲା କିନ୍ତୁ ଏବେ ପାଟିକରି ଜନ୍ମଦିନ ପାଳିବା ଉପରେ ଛୁଟି ଦେବା ନ ହେବା ଉପରେ ଯୁକ୍ତି କରିବା ବୃଥା। ଏବେକାର ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ବିଜୁବାବୁଙ୍କ ଜୟନ୍ତୀ ପାଳିବା ଅବସରରେ କହିଛନ୍ତି ସେମାନେ ବିଜୁବାବୁଙ୍କ ପାଇଁ ବିଶେଷ କିଛି କରିବା ପାଇଁ ଯୋଜନା ରଖିଛନ୍ତି। ମୋ ମତରେ ମୁଁ ଏବଂ ସମସ୍ତେ ପୂର୍ବତନ ସରକାର ଏବଂ ଏବେକାର ସରକାରଙ୍କୁ ଅନୁରୋଧ କରିବା ଆମ ବିଜୁବାବୁଙ୍କୁ ଯଥାଶୀଘ୍ର ଭାରତ ରତ୍ନ ମିଳୁ। ମିଳିଲେ ଆମେ ଜାଣିବୁ ବିଜୁବାବୁଙ୍କୁ ଦେଶ ଠିକ ଭାବରେ ସମ୍ମାନିତ କଲା ବୋଲି।




### ସମ୍ପର୍କର କୋଣାର୍କ
**ସ୍ନିଗ୍ଧାମୟୀ ରାଉତ**

ପ୍ରଚଣ୍ଡ ବର୍ଷାରେ ବି ଯେବେ
ଫାଟି ଯାଏ ମନଭୂଇଁ ମୋର
କୋଇଲିର କୁହୁତାନେ
ଯେବେ ଶୁଭେ ପ୍ରତାରଣାର ସ୍ୱର
ଫଗୁଣର ଫଗୁ ଶୋଭା ହରାଏ
ଯେବେ ତା ପ୍ରିୟ ରଙ୍ଗର
ସେବେଳେ ତୁମେ ଉଇଁ ଆସ
ଆକସ୍ମିକ ଭାବେ
ଚିରିଦେଇ ସେ ଗାଢ଼ ଅନ୍ଧାର।

ପୁଣି ତୁମେ ସ୍ମୃତି ସବୁ ଦିଅ
ଦୋହରାଇ
ଅତୀତଟା ଚାହେଁ ପୁଣି
ତା ହଜିଲା ମୁହଁକୁ ଫେରେଇ।

ପୁରୁଣା ଦିନ ସବୁ ଡାକନ୍ତି
ପୁଣି ଅକଳ୍ପନୀୟ ଦୁନିଆରେ
ପାଦ ଥାପିବା ପାଇଁ।

ହଜିଲା ସମ୍ପର୍କର ଶାମୁକା ଭିତରୁ
କରିବାକୁ ମୁକ୍ତାର ସନ୍ଧାନ।
ଘୁଣଖିଆ ହୃଦଟା କିନ୍ତୁ
ଭଗ୍ନସ୍ତୁପରେ ପୁନଷ୍ଚ କୋଣାର୍କ
ଗଠନ ସମ୍ଭାବନାକୁ
କରେ ପ୍ରତ୍ୟାଖାନ।

ସାଉଥ୍ ବଳଣ୍ଡା, ତାଳଚେର
ମୋ - ୮୮୯୫୧୬୩୩୦୨

### ବିଶ୍ୱ ମହିଳା ଦିବସରେ...
**ଦେବାଶିଷ ଦେ**



କୁନି ପାଦେ ତୁହି
ଅଗଣାରେ ଶୋଭା,
ଅଲିଅଳି ସୁକୁମାରୀଟିରେ ବୀଭା,
କୁମାରୀ ପୂଜିତେ ତୋ ଠାଣି ଉଭା,
ବିବାହ ମଣ୍ଡପେ ପାର୍ବତୀ କିବା,
ହର ସଙ୍ଗେ ରହି କୋପ ସମ୍ଭାଳି କି
ପରଜା ପାଳନେ ସୁଖୀ ତୁ ରାତ୍ର
ଦିବା।
ସଂଯମତା ନେଇ ସଂସାର କରୁ,
ହର ହରିଙ୍କୁ ତୁ ପିଲା ବିଚାରୁ,
ତୋ ସ୍ତନ ପାନରେ ଅମୃତ ଭରୁ,
ପଣତକୁ ବିଞ୍ଚି ତାଙ୍କୁ ଦୁଲାରୁ
କୋମଳ ପରଶେ ଲୌହ ପୁରୁଷକୁ ବି
ତରଳ ସୁନାରେ ତୁ ଅପସାରୁ।
ସୁକୁମାରୀ ତୁ ତ କୋମଳୀନି ଜେମା,
ନାରାୟଣୀ ହେଇ ପୁଣି
କରି ପାରୁ କ୍ଷମା,
ସର୍ବଂ ସହା ଯେବେ ଲୋତକରେ ସମା,
ପିରତୀ ନଦୀର ନଉକାରେ ଜମା
ଦେଇ ପାରୁ ତୋ ଶୁଦ୍ଧତା ଗର୍ଭ
ଧାରଣୀରେ ଉମା।
ଧାରଣ, ପାଳନ ତୋ ଗୁଣ ବହନେ
କିମ୍ବା ରହେ ତୋର ବିନାଶର ମନେ
ଅସୁରକୁ ତୋର ତ୍ରିଶୂଳ ବିନ୍ଧନେ
ସୁର, ବୀର ରକ୍ଷା କରୁ ତୁ ସମ୍ମାନେ
କେମିତି ବା ବୋହି ଯାଉ
ଜଗଦ୍ଧାତ୍ରୀ ଜ୍ଞାନେ,
ହୋଇ ସଂସାରର ଗଙ୍ଗା
ଶିବ ଜଟା ମାନେ।
ଧନ୍ୟ ତୋ ଜୀବନ
ଆରମ୍ଭରୁ ଶେଷ,
ଧରଣି ବର୍ଣ୍ଣାଳି ବିଚିତ୍ର
ବିରୋଧାଭାସ
ଆଦି ଅନ୍ତ ଯେବେ ନହୁଏ ବିଶ୍ୱାସ
ତେବେ ବି ପୂଜିତ କରେ
ସର୍ବ ଏ ଜନ ମାନସ
ମହିଳା ଦିବସେ ଆଜିର ବିଶେଷ,
ଧନ୍ୟ ଧନ୍ୟ ଆଜି ଏ ବିଶ୍ୱ ଦିବସ।

ପୋଷ୍ଟମାଷ୍ଟର, ଆରପି ଲାଇନ
ବ୍ରାଞ୍ଚ, ବାଲେଶ୍ୱର

### ମୁଁ ସ୍ୱପ୍ନରେ ମତୁଆଲା...
**ଡ଼ା.ମନୋରଞ୍ଜନ ଦାଶ**

ଯେତେ ଆଞ୍ଜୁଳା... ଆଞ୍ଜୁଳା..କରି
ଲୁହକୁ ପିଇଲେ ବି ଲୁହ ସରୁନି
ମୋର...
ବାରମ୍ବାର ସ୍ମୃତିକୁ ଉଣ୍ଡାଳୁଚି...
ଆଶା ଓ ସାମ୍ଭାବନାକୁ
ଭରସି ପାରୁନି ମୁଁ !
ସଂଘର୍ଷ ସହ ବନ୍ଧୁତା କାହିଁ କେତେ
ଦିନରୁ...
ଛାତିରେ ସାଇତିଚି ଆବେଗ,ପ୍ରୀତି ଓ
ସମ୍ବେଦନଶୀଳତା।
ନିସର୍ଗରେ ବାଟ ଚାଲିବାର କଳା ଓ
କୌଶଳକୁ ଜାଣି
ଆପଣେଇଲେ ବି ମନ ମୋର
ଦୋହଲିଯାଉଚି, ବେଳେବେଳେ...
ଆକୁଳତା କୁ ହଜେଇଦେଇ
ସନ୍ତୁଷ୍ଟିରେ ପୁଲକିତ ମୋ
ଜୀବନ।
ଭାବମଗ୍ନା ମୋ ମାନସିକତାକୁ
ଜାବୁଡ଼ି ଧରିଚି ନିଆରା ଢ଼ଙ୍ଗରେ...
ସେଥିପାଇଁ ଦୀର୍ଘଶ୍ୱାସ ର ଶେଯରେ
ଥିଲେ ବି
ମୁଁ ସ୍ୱପ୍ନରେ ମତୁଆଲା....

ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨

# ପରଶମଣି



## ବିଷ୍ଣୁ ପ୍ରସାଦ ଦାସ

ଓଡିଶା ପ୍ରଦେଶର ଏକ ଜିଲ୍ଲାର ଗୋଟିଏ ସୁନ୍ଦର ଗାଁ , ସେହି ଗ୍ରାମକୁ ତିନି ଦିଗରୁ ବିରାଟ ପାହାଡ଼ ଘେରି ରହିଛି ସତେ ଯେପରି ଏକ ସୁନ୍ଦର୍ ଉପତ୍ୟକା, ଛୋଟ ଝରଣାଟି ସୁଉଚ୍ଚ ପର୍ବତରୁ ଗ୍ରାମ ଦେଇ ବହିଯାଇଛି । ଝରଣାର ଜଳ ଗ୍ରାମବାସିଙ୍କ ପାନୀୟ ସମସ୍ୟା ଦୂର କରିବା ସହିତ କୃଷି କ୍ଷେତ୍ରକୁ ମଧ ଜଳ ଯୋଗାଇ ଥାଏ, ତେବେ ବର୍ଷା ଋତୁରେ ଏହି ଝରଣା ଭୀଷଣ ରୂପ ନେଇ ଅନେକ କିଛି କ୍ଷତି କରିଦେଇ ଚାଲିଯାଏ । ଗ୍ରାମର ଲୋକ ସଂଖ୍ୟା ତିନି ଶହ ମଧରେ ସୀମିତ, ଛୋଟିଆ ସ୍କୁଲଟିଏ ଅଛି ଏବେ ନୂତନ କରି ଛୋଟ ମେଡିକାଲଟିଏ ହୋଇଛି । ପ୍ରତିଦିନ ଦୁଇଟି ବସ ଜିଲ୍ଲା ସଦର ମହକୁମାରୁ ଗାଁ ଦେଇ ଯା' ଆସ କରେ, ରାଜନୀତିରୁ ଉର୍ଦ୍ଧରେ ରହି ଗ୍ରାମବାସୀ ମାନେ ପରସ୍ପରର ଦୁଃଖ ସୁଖ ବାଣ୍ଟି ନିଅନ୍ତି । ଏହି ଗଳ୍ପର ମୁଖ୍ୟ ଚରିତ୍ର ମେଘନା ଯାହାକୁ ଗାଁ ଲୋକେ ବୟସ ଅନୁପାତରେ ମେଘା, ମେଘା ଅପା , ମେଘା ମାଉସୀ ବୋଲି ଡାକନ୍ତି । ମେଘା ମାଟ୍ରିକ ପାସ୍ କରିଛି, ସମୟ ପାଇଲେ ଗାଁର ଛୋଟ ଛୋଟ ପିଲାଙ୍କୁ ପାଠ ମଧ ପଢ଼ାଇ ଦିଏ ।

ମେଘା ଗ୍ରାମର ଶେଷ ମୁଣ୍ଡରେ ନିଜ ଘରେ ଥାଏ, ବୟସ ପ୍ରାୟ ୪୫ ମଧରେ ହେବ ସହରରେ ତା'ର ସ୍ୱାମୀ ଚାକିରୀ କରୁଥିଲେ, ତାଙ୍କର କୌଣସି ସନ୍ତାନ ସନ୍ତତି ନଥିଲେ ଯାହାକି ସେମାନଙ୍କ ମନ ଭିତରେ କିଛି ଶୂନ୍ୟତା ଭରି ଦେଇଥିଲା । ତେବେ ଭଗବାନଙ୍କ ଇଚ୍ଛା ଯାହା ତାହା ଉପରେ କାହାରି ହାତ ନାହିଁ ବୋଲି ନିଜକୁ ନିଜେ ବୁଝାଇ କର୍ତ୍ତବ୍ୟର ମନଯୋଗ ଦେଉ ଥିଲେ । ସ୍ୱାମୀ ସ୍ତ୍ରୀ ଦୁଇଜଣ ଦୁଇ ଜଣଙ୍କୁ ଅନ୍ତରରୁ ଭଲ ପାଉଥିଲେ, ହେଲେ ଏମାନଙ୍କ ଭଲପାଇବା ଦଇବ ସହିଲା ନାହିଁ, ଏକ ଦୁର୍ଘଟଣାରେ ମେଘାର ସ୍ୱାମୀ ମେଘାକୁ ଛାଡି ଚିରଦିନ ପାଇଁ ଆରପାରିକୁ ଚାଲି ଗଲେ । ସ୍ୱାମୀଙ୍କୁ ହରାଇ ମେଘା ଭାଙ୍ଗି ପଡ଼ିଥିଲା, ମେଘା ଅନେକ କାନ୍ଦିଛି, ଅନେକ ଦୁଃଖ କରିଛି କିନ୍ତୁ ସ୍ୱାମୀଙ୍କୁ ଫେରି ପାଇନାହିଁ । ମେଘା ଏବେ ସମ୍ପୂର୍ଣ୍ଣ ଏକା ହୋଇ ଗଲା, ଜୀବନର ଗୂଢ ରହସ୍ୟକୁ ବୁଝି ନୀରବ ରହିବାକୁ ଶ୍ରେୟ ମଣିଲା, ଜୀବନର ସବୁ ଦୁଃଖକୁ ମେଘା ଗଣ୍ଠିଲିରେ ବାନ୍ଧି ନୂତନ ଭାବେ ବଞ୍ଚିବାର ସଂକଳ୍ପ ନେଇଥିଲା । ତା'ର ତିନି ଏକର ଚାଷ ଜମିକୁ ଭାଗ ଦେଇ ନିଜ ଘର ପାଖରେ ଥିବା ଛୋଟ ବଗିଚାଟିକୁ ନିଜ ଚେଷ୍ଟାରେ ସୁନ୍ଦର ଭାବେ ଫୁଲ ଫଳ ଗଛରେ ସଜାଇ ଦେଇ ଥିଲା । ମେଘାର ଘର ବାଟ ଦେଇ ଯାଉଥିବା ଲୋକମାନେ ମେଘାର ବଗିଚା ଦେଖି ଘଡ଼ିଏ ରହି ଯାଉ ଥିଲେ, ରଙ୍ଗ ବେରଙ୍ଗର ଫୁଲ, ସୁନ୍ଦର କଲମୀ ଆମ୍ବ, ପଣସ, ପିଜୁଳି , ନଡ଼ିଆ ତଥା ପନିପରିବାରେ ପୂର୍ଣ୍ଣ ବଗିଚା ସତେ ଯେମିତି ସ୍ୱର୍ଗର ନନ୍ଦନ କାନନ ପରି ପ୍ରତୀୟମାନ ହେଉଥିଲା । ଧୀରେ ଧୀରେ ମେଘା ନିଜର ସ୍ୱାମୀଙ୍କ ମୃତ୍ୟୁ ଜନିତ ଦୁଃଖକୁ ଭୁଲିଯାଇ ଗ୍ରାମବାସିଙ୍କ ଦୁଃଖ ସୁଖରେ ସଦା ସର୍ବଦା ଠିଆ ହେଉଥିଲା ।

ମେଘାର ନିଷ୍କପଟ ତଥା ସରଳ ଆମାୟିକ ବ୍ୟବହାର ଗ୍ରାମବାସିଙ୍କ ମନକୁ କିଣି ନେଇଥିଲା, ସେମାନେ ମଧ ମେଘାକୁ ନିଜ ପରିବାରର ସଦସ୍ୟ ଭାବେ ମାନି ନେଇଥିଲେ । ପିଲାଠାରୁ ବୁଢା ପର୍ଯ୍ୟନ୍ତ ଗ୍ରାମ ବାସିଙ୍କ ପ୍ରିୟ ମେଘା ନିଜକୁ ନିଜେ ଖୁବ୍ ଖୁସି ଥିବା ପରି ଅନୁଭବ କରୁଥିଲା କିନ୍ତୁ ପ୍ରତିଦିନ ରାତ୍ରିରେ ସେ ନିଜକୁ ଖୁବ୍ ଅସହାୟ ବୋଧ କରୁଥିଲା , ନିସ୍ତବ୍ଧ ରାତ୍ରିରେ ମେଘାର ମନ ଭିତରେ ଥିବା ସୁପ୍ତ ରାକ୍ଷସ ତା'ର ଇଚ୍ଛା ବିରୁଦ୍ଧରେ ସ୍ୱତଃପ୍ରବୃତ ଜାଗ୍ରତ ହୋଇ ଉଠୁଥିଲା, ଅନେକ ବିକୃତ ଚିନ୍ତା ମନ ଭିତରେ ଉଙ୍କି ମାରୁଥିଲା, ଏକାକୀତ୍ୱକୁ ସେ ସହ୍ୟ କରି ପାରୁ ନଥିଲା, ତା'ର ଶରୀରର ଅସହ୍ୟ ଜ୍ୱାଳା , ତା'ର ମନ, ତା'ର ବିବେକ, ତା'ର ମସ୍ତିଷ୍କ କିଛି ତା'ର ଅଧୀନରେ ରହୁ ନଥିଲା । ମେଘା ଅନୁଭବ କରୁଥିଲା ସତେ ଯେମିତି ଆଗ୍ନେୟଗିରିରେ ବିସ୍ଫୋରଣ ହେଉଛି ଏବଂ ତା'ର ଶରୀର ଖଣ୍ଡ ବିଖଣ୍ଡ ହୋଇ ଗରମ ଲାଭାରେ ନିମିଷକ ମଧରେ ଜଳି ପାଉଁଶ ହୋଇଯାଉଛି । ସେ ଜଣେ ବିବାହିତା ନାରୀ ତା'ର ଜୀବନ ସାଥି ତା'କୁ ଅସମୟରେ ଛାଡ଼ି ଦେଇ ଆରପାରିକୁ ଚାଲି ଯାଇଛନ୍ତି, ହୁଏତ ମେଘା ପ୍ରତିଦିନ ରାତ୍ରିରେ ତାଙ୍କ କଥା, ତାଙ୍କ ପ୍ରେମ, ତାଙ୍କ ସାନିଦ୍ଧର ଅଭାବକୁ ଅନୁଭବ କରୁଛି ବା ଏହା ଏକ ପ୍ରକାର ପ୍ରକୃତିର ନିୟମ ହୋଇ ପାରେ ବୋଲି ମେଘା ଧରି ନେଇଛି । କିଛିକ୍ଷଣ ପରେ ମେଘା ପୁନଶ୍ଚ ନିଜ ସାଧାରଣ ସ୍ଥିତିକୁ ଫେରି ଆସେ । ସେହି ସମୟରେ ମେଘା ଶରୀର ସମ୍ପୂର୍ଣ୍ଣ ଝାଳରେ ଓଦା ହୋଇ ଥରୁ ଥାଏ, ବାଧ ହୋଇ ମେଘା ସ୍ନାନ କରେ ଏବଂ ତତ୍ପରେ ସୁଖ ନିଦ୍ରା ଅବସ୍ଥାକୁ ଚାଲି ଯାଇଥାଏ । ଅନେକ ସମୟରେ ମେଘାର ମନେହୁଏ ସେ ମାଟିରେ ପଡିଥିବା ଝଡା ପତ୍ର ସଦୃଶ ତା'ର ରଙ୍ଗ ଆଉ ସବୁଜ ନାହିଁ ଈଷତ୍ ହଳଦିଆ ହୋଇଯାଇଛି ତା' ଜୀବନରେ ଆଉ କେବେ ସବୁଜ ରଙ୍ଗ ଫେରି ଆସିବ ନାହିଁ କି ତାକୁ ଆଉ ସେହି ଗଛ ଆଦରି ନେବ ନାହିଁ, ଏହାହିଁ ତ ପ୍ରକୃତିର ନିୟମ, ତା'କୁ କ'ଣ କିଏ ଅସ୍ୱୀକାର କରି ପାରିବ ? ରମଣୀ ମନ ବଡ଼ ବିଚିତ୍ର ତା'କୁ ବିସ୍ଲେସଣ କରିବା କାଠିକର ପାଠ ବୋଲି ପୂର୍ବ ପୁରୁଷ ମାନେ କହି ଯାଇଛନ୍ତି । ଜଣେ ସ୍ତ୍ରୀ ତା'ର ମନର ଗୋପନ ବେଦନାକୁ ନିଜ ଭିତରେ ଚାପି ରଖି କେତେ ଦିନ ଶାନ୍ତିରେ ବଞ୍ଚି ପାରିବ ? ମେଘା ସମୟ ସମୟରେ ବିପଥ ଗାମୀ ହେବାକୁ ଚିନ୍ତା କରିଛି କିନ୍ତୁ ତା'ର ବିବେକ ତା'କୁ ସମାଜର ଭୟ ଦେଖାଇ ସେ ସବୁ ଇଚ୍ଛାରୁ ନିବୃତ ହେବାକୁ ଚାପ ସୃଷ୍ଟି କରିଛି , ମେଘା ସେହି ଚାପ ଆଗରେ ସଦା ସର୍ବଦା ହାର ମାନି ନିଜ ସତୀତ୍ୱକୁ ବଜାୟ ରଖିଛି । ସୂର୍ଯ୍ୟ ଉଦୟ ପରେ ମେଘା ରାତ୍ରିର ସବୁ ଘଟଣା ଭୁଲିଯାଇ ଥାଏ, ଜଣେ ସାଧାରଣ ମହିଳା ଭାବେ ଦୈନନ୍ଦିନ କାର୍ଯ୍ୟରେ ନିଜକୁ ସାମିଲ କରିଦିଏ , ଗ୍ରାମବାସୀ ମାନେ ମେଘାକୁ ଦେବୀ ତୁଲ୍ୟ ମନୁଷ୍ୟଟିଏ ବୋଲି ବିବେଚନା କରନ୍ତି ।

ଏକଦା ସେହି ଗ୍ରାମକୁ ଜଣେ ଯୁବ ତପସ୍ୱୀ ଆସିଲେ, ସେ ଗ୍ରାମ ଶେଷ ମୁଣ୍ଡରେ ଥିବା ବିରାଟ ବର ଗଛ ମୂଳରେ ନିଜର ଆସ୍ଥାନ କରି ରହିବାକୁ ଲାଗିଲେ । ତାଙ୍କର ଉଜ୍ଜଳ ମୁଖମଣ୍ଡଳ, ଅଳ୍ପ ଦାଢ଼ି ନିଶ , ଗେରୁଆ ବସ୍ତ୍ର ଗ୍ରାମ ବାସିଙ୍କୁ ଖୁବ୍ ଆକୃଷ୍ଟ କରୁଥିଲା । ଧିରେ ଧିରେ ତାଙ୍କ ପାଖକୁ ଗ୍ରାମର ଲୋକମାନେ ଆସିବାକୁ ଆରମ୍ଭ କଲେ, ତପସ୍ୱୀ ଲୋକ ମାନଙ୍କୁ ଖୁବ୍ ସୁନ୍ଦର ବ୍ୟବହାର ସହିତ ଭଗବାନଙ୍କ ବାଣୀ, ପ୍ରବଚନ ଶୁଣାଉ ଥିଲେ । ଭକ୍ତ ମାନେ ତାଙ୍କୁ କିଛି କିଛି ଉପହାର ଦେଉଥିଲେ କିନ୍ତୁ ତପସ୍ୱୀ ଉପହାର ସ୍ୱୀକାର କରୁନଥିଲେ । ସେ ଗ୍ରାମବାସୀଙ୍କୁ କେବଳ ଦୁଇ ଓଳି ଦୁଇ ମୁଠା ଶାକାହାରୀ ଭୋଜନର ବ୍ୟବସ୍ଥା ନିମନ୍ତେ ଅନୁରୋଧ କରିଥିଲେ । ଗ୍ରାମବାସୀ ମାନେ ଖୁବ୍ ଖୁସି ହୋଇ ତାଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଇ ଦେଉଥିଲେ । ପ୍ରତିବଦଳରେ ତପସ୍ୱୀ ଗ୍ରାମବାସୀଙ୍କୁ ନିଜର ଜ୍ଞାନ ବାଣ୍ଟୁ ଥିଲେ, ଆଧାତ୍ମିକ ଶକ୍ତି ଗୁଡିକ ବିଷୟ ବୁଝାଇ କହୁଥିଲେ ଯେ, ବିଶ୍ୱାସ, ପ୍ରୟାସ, ମନୋବୃତ୍ତି , ଏକାଗ୍ରତା ଏବଂ ଜ୍ଞାନ ହେଉଛି ପାଞ୍ଚୋଟି ଆଧାତ୍ମିକ ଶକ୍ତି ଯାହାକୁ ପାଥେୟ କରି ସୁନ୍ଦର ନିରାମୟ ଜୀବନ ଯାପନ କରାଯାଇ ପାରେ ।

ଥରେ ତପସ୍ୱୀ ଗ୍ରାମ ମଧରେ ଯାଉଥିବା ସମୟରେ ମେଘା ଘର ସମ୍ମୁଖରେ ଅଟକି ଯାଇଥିଲେ । ମେଘାର ଦୃଷ୍ଟି ତପସ୍ୱୀଙ୍କ ଉପରେ ପଡିବା କ୍ଷଣି ସେ କବାଟ ଖୋଲି ବାହାରକୁ ଆସି ତପସ୍ୱୀଙ୍କୁ ନିଜ ଘର ଭିତରକୁ ସସମ୍ମାନେ ପାଛୋଟି ଆଣିଥିଲା । ତପସ୍ୱୀଙ୍କୁ ବସିବା ପାଇଁ ଆସନ ଦେଇ ମେଘା ତରତର ହୋଇ ରୋଷେଇ ଘର ଆଡକୁ ଚାଲି ଗଲା ଏବଂ କିଛି ସମୟ ପରେ ପାନୀୟ ଜଳ ସହିତ ଗୋଟିଏ ପାତ୍ରରେ କିଛି ଖିରି ଆଣି ତପସ୍ୱୀଙ୍କୁ ଖାଇବାକୁ ଅନୁରୋଧ କରିଥିଲା । ତପସ୍ୱୀ ଖିରି ଆଡ଼କୁ ଚାହିଁ ଟିକେ ହସିଦେଇ କହିଲେ ମା' ତୁମେ କିପରି ଜାଣିଲ ଯେ, ମୁଁ ଖିରି ଖାଇବାକୁ ତୁମ ଘରକୁ ଆସିଛି ? ମେଘା ଟିକେ ଭୟ ପାଇ କହିଲା ,



ବାବା ଆପଣ ତ ଜଣେ ଗୁଣି ଜ୍ଞାନୀ ସନ୍ୟାସୀ ଆପଣ ମୋର ମନର ସବୁ କଥା ବୁଝି ପାରୁଥିବେ, ସତ କହିବାକୁ ଗଲେ ମୋର ସ୍ୱାମୀ ମୋ' ହାତର ଖିରି ଖାଇବାକୁ ଖୁବ୍ ପସନ୍ଦ କରୁଥିଲେ ଏତିକି କହି ମେଘା କାନ୍ଦିବାକୁ ଲାଗିଲା । ତପସ୍ୱୀ କହିଲେ 'ମା' କାନ୍ଦ ନାହିଁ ନିଜ ମନର କଥା ତୁମେ ନିର୍ଭୟରେ ପ୍ରକାଶ କର, ତୁମ ମୋ ବିନା କେବଳ ଭଗବାନ ଏହା ଜାଣି ପାରିବେ ଆଉ କେହି ନୁହେଁ ' । ମେଘା କହି ଚାଲିଲା 'ବାବା ଆଜି ସକାଳୁ କେଜାଣି କାହିଁକି ତାଙ୍କ କଥା ମନେ ପଡିଗଲା ଏବଂ ତାଙ୍କର ପ୍ରିୟ ଜିନିଷ ଖିରି ମୁଁ ତିଆରି କରି ଅପେକ୍ଷା କରିଥିଲି ସେ ନିଶ୍ଚୟ କୌଣସି ନା କୌଣସି ରୂପରେ ଆସି ଖିରି ଖାଇବେ' । ମେଘା ପୁଣି କହି ଚାଲିଲା 'ବାବା ମୁଁ ଜାଣେନା, କିମ୍ବା ଏତେ ବଡ଼ କଥା କହିବାର ସାହସ ମୋ' ନିକଟରେ ବୋଧହୁଏ ନାହିଁ, ତଥାପି ଆପଣ ମୋ' ଦ୍ୱାରା ପ୍ରସ୍ତୁତ ଖିରି ଖାଇ ମୋର ବିଶ୍ୱାସକୁ ସତ୍ୟରେ ପରିଣତ କରନ୍ତୁ' । ବାବା ନିରବ, ନିଶ୍ଚଳ ତାଙ୍କ ମୁଖ ମଣ୍ଡଳରୁ ଏକ ଦିବ୍ୟ ଜ୍ୟୋତି ବାହାରିବା ପରି ମନେ ହେଉଛି ଖୁବ୍ ଉଜ୍ଜଳ ଚକ୍ଷୁ ଦୁଇଟି ଥରେ ମେଘା ଉପରକୁ ଯାଉଛି ତ ଥରେ ପରସା ଯାଇଥିବା ଖିରି ଉପରକୁ ଯାଉଛି , ମେଘା ଜୋଡ ହସ୍ତରେ କାକୁତି ମିନତୀ ହୋଇ କହୁଥିଲା 'ବାବା ମୋର ଦୋଷ କ୍ଷମା କରିବେ କିନ୍ତୁ ମୋର ବିଶ୍ୱାସକୁ ଅବିଶ୍ୱାସରେ ପରିଣତ କରିବେ ନାହିଁ ବୋଲି ପ୍ରାର୍ଥନା କରୁଛି' । ବାବା ତଥାପି ନିରବ ରହିଥିଲେ , କିଛି ଚିନ୍ତା କରି ମେଘାକୁ ଗୋଟିଏ ପ୍ରଶ୍ନ ପଚାରିବାକୁ ମେଘା ଠାରୁ ଅନୁମତି ଚାହିଁଲେ, ମେଘା ନିଜର ସମ୍ମତି ଜଣାଇବା ପରେ ବାବା କହିଲେ ' ମା' ମୁଁ ଅନୁଭବ କରୁଛି ତୁମ ମନ ଖୁବ୍ ଅଶାନ୍ତ ତୁମେ ସମୟ ସମୟରେ ଏକ ଅଲଗା ଦୁନିଆକୁ ଚାଲି ଯାଉଛ , ତୁମେ ମୋତେ ନିଜ ବିଷୟରେ ଖୋଲି କରି କୁହ ତା ପରେ ମୁଁ ଖିରି ଖାଇବି' । ମେଘା କହିବାକୁ ଆରମ୍ଭ କଲା 'ବାବା ପ୍ରତିଦିନ ରାତିରେ ମୁଁ ନିଜ ଆୟତ୍ତରେ ନଥାଏ ଏକ ରାକ୍ଷସ/ ଆସୁରିକ ଶକ୍ତି ମୋତେ ପ୍ରତିଦିନ ଗ୍ରାସ କରୁଛି , କାମନା , ବାସନା, ଲୋଭ, ମୋହ, ମାୟା ଇତ୍ୟାଦିକୁ ନେଇ ମୁଁ ନିଜର ନିଜତ୍ୱ ହରାଇ ବସୁଛି ମୋର କାମନାର ଜ୍ୱାଳା ମୋତେ ବିବ୍ରତ କରୁଛି, ଯାହାକୁ ମୁଁ ଠିକ୍ ରୂପେ ଆପଣଙ୍କୁ ବୁଝାଇ ପାରୁନାହିଁ, ବାବା ଆପଣ କ'ଣ ମୋର କଷ୍ଟକୁ ଦୂରେଇ ଦେଇ ମୋର ମନକୁ ଶୀତଳ, ସରଳ କରିଦେଇ ପାରିବେ ? ମୁଁ ନିଃସଙ୍କୋଚରେ ନିଜକୁ ଆପଣଙ୍କ ନିକଟରେ ସମର୍ପି ଦେବାକୁ ଚାହୁଁଛି, କୁହନ୍ତୁ ବାବା ମୁଁ ଏତେ କଷ୍ଟ କାହିଁକି ପାଉଛି ? ମୋର ଦୋଷ କ'ଣ ରହିଲା ? ମୋର ସ୍ୱାମୀ ଚାଲିଯିବା ପରେ କାମନା ବାସନା କାହିଁକି ମୋତେ ବିପଥ ଗାମୀ ହେବାକୁ ପ୍ରୋତ୍ସାହନ ଯୋଗାଉଛି ? ମୁଁ ଜଣେ ରକ୍ତ ମାଂସ ଧାରୀ ନାରୀ ମୋର ଶାରୀରିକ କ୍ଷୁଧା ରହିଛି, ବାବା ବୈଧବର କଷ୍ଟ କେବଳ ଜଣେ ବିଧବା ମହିଳା ହିଁ ଜାଣିବ' ଏତିକି କହି ମେଘା କଇଁ କଇଁ ହୋଇ କାନ୍ଦୁଥିଲା । ବାବା ମେଘାକୁ କହିଲେ ' ମା ତୁମେ ଶାନ୍ତ ହୁଅ ମୁଁ ଖିରି ଖାଉଛି ' ଟିକେ ଖିରି ଖାଇ ବାବା ପ୍ରଶ୍ନ କଲେ 'ମା ଏହି ସୁସ୍ୱାଦୁ ଖିରି ପ୍ରସ୍ତୁତ ପ୍ରଣାଳୀ ଟିକେ ମୁଁ ଜାଣିବାକୁ ଚାହେଁ' । ମେଘା ସକେଇ ସକେଇ କରି କହିଲା 'ବାବା ପ୍ରଥମେ କ୍ଷୀର ଆଣି ଚୁଲିରେ ବସାଇ ଗରମ କରାଯାଏ ତତ୍ପରେ କିଛି ଚାଉଳ , ଚିନି , ଆଉ ବାସ୍ନା ପାଇଁ ଗୁଜୁରାତି ଦେଇ କ୍ଷୀରରୁ ସବୁ ଜଳୀୟ ଅଂଶ ବାଷ୍ପ ହେବା ପରେ ଖିରି ପ୍ରସ୍ତୁତ ହୁଏ 'ବାବା କହିଲେ' ହଁ ମା' ଠିକ୍ କହିଛ, ଅଗ୍ନି, କ୍ଷୀର, ଚାଉଳ, ଚିନି , ଗୁଜୁରାତି ମଧ୍ୟରୁ ଯଦି କିଛି ଗୋଟିଏ ବା ଦୁଇଟି ଜିନିଷ କମ୍ ହୋଇଯିବ ତେବେ କଣ ଖିରିର ପ୍ରକୃତ ସ୍ୱାଦ ଆସିବ ଠିକ୍ ସୁସ୍ୱାଦୁ ଖିରି ପରି ତୁମ ଶରୀର, ତୁମ ମନ, ତୁମ ବିବେକ ବୁଦ୍ଧିକୁ ଏକ ପ୍ରକାର ସନ୍ତୁଳିତ ଅବସ୍ଥାକୁ ଆଣି ବାକୁ ପଡିବ' । ବାବା ପୁଣି କହିବାକୁ ଆରମ୍ଭ କଲେ' ମା' ଏହା ତୁମର ଶାରୀରିକ କାମନା, ବାସନା ନୁହେଁ, ଏହା ତୁମର ଆତ୍ମାର ଶାନ୍ତିର ଅଭାବ ଦ୍ୱାରା ହେଉଛି , ଆମେ ସମସ୍ତେ କାମନା ବାସନା ନିମନ୍ତେ ଚେଷ୍ଟିତ କିନ୍ତୁ ଆଧାତ୍ମିକ ଶକ୍ତି ଦ୍ୱାରା ଆମେ କାମନା ବାସନାକୁ ଦୂରେଇ ଦେଇ ଆତ୍ମାର ଶାନ୍ତି ନିମନ୍ତେ ଚେଷ୍ଟିତ ହୋଇ ପାରୁନାହୁଁ, ତୁମେ ଯଦି ମୋର କିଛି ଉପଦେଶ ପାଳନ କରିବ ତେବେ ଦେଖିବ କିଛିଦିନ ମଧରେ ତୁମର ସବୁ ସମସ୍ୟା ଦୂରୀଭୂତ ହୋଇଯିବ ଏହା ମୋର ବିଶ୍ୱାସ' ହଁ, ଆଉ ରହିଲା ତୁମ ଶରୀରକୁ ମୋ' ନିକଟରେ ସମର୍ପଣ କରିବା କଥା , ମା' ମୁଁ ଚିର କୁମାର, ବ୍ରହ୍ମଚାରୀ ହେତୁ ପାଇବା ଦିନଠାରୁ ନିଷ୍ଠାର ସହିତ ଗୁରୁଙ୍କ ନିକଟରୁ ଅନେକ କିଛି ଶିକ୍ଷା ଲାଭ କରିଛି ତନ୍ମଧ୍ୟରୁ ଗୁରୁଙ୍କ ବାଣୀ ଥିଲା 'କୌଣସି ପରିସ୍ଥିତିରେ ମଧ ତୁମେ ନାରୀଙ୍କୁ ଅପମାନ କରିବ ନାହିଁ ସଦା ସର୍ବଦା ମାତୃ, ଭଗ୍ନୀ ତୁଲ୍ୟ ବ୍ୟବହାର କରିବ' 'ତେଣୁ ମୁଁ ଶପଥ ନେଇଛି ବିବାହ କରିବି ନାହିଁ କିମ୍ବା କୌଣସି ନାରୀ ସହିତ କୌଣସି ପରିସ୍ଥିତିରେ ଶାରୀରିକ ସମ୍ପର୍କ ରଖିବି ନାହିଁ' । ହଁ ମା' ହୁଏତ ଦିନେ ଦୁଇଦିନ ଭିତରେ ମୁଁ ଏହି ଗ୍ରାମରୁ ବିଦାୟ ନେବି ହୁଏତ ତୁମ ସହିତ ଏ ଜୀବନରେ କେବେବି ଦେଖା ହୋଇ ନପାରେ, ଯିବା ପୂର୍ବରୁ ତୁମକୁ କିଛି ଆଧାତ୍ମିକ ଜ୍ଞାନ ଦେଇ ଯିବି ଯାହାକି ଭବିଷ୍ୟତରେ ତୁମ କାର୍ଯ୍ୟରେ ଆସିବ , ତୁମେ ସରଳ, ଶାନ୍ତ ଜୀବନ ନିର୍ବାହ କରିବ ଏଥିରେ ଆଦୌ ସନ୍ଦେହ ନାହିଁ, ସେହି ପରମେଶ୍ୱର ଆଜି ହୁଏତ ମୋତେ ଆଣି ତୁମ ଘରେ ପହଞ୍ଚାଇ ଦେଇଛନ୍ତି ' । ମେଘା ଜଡ଼ ପରି ବସି ରହି ବାବାଙ୍କ କଥା ଶୁଣି ଯାଉଥିଲା ତା'ର ଦୁଇ ଚକ୍ଷୁରୁ ଲୁହ ଧାର ଗଡି ଯାଉଥିଲା, ସେ ଭାବୁଥିଲା ପରଶ ମଣି ସଂସ୍ପର୍ଶରେ ଆସି ସଧାରଣ ପଥର ଯେପରି ସ୍ୱର୍ଣ୍ଣରେ ପରିଣତ ହୁଏ ଠିକ୍ ସେହିପରି ସେ ଆଜି ତପସ୍ୱୀଙ୍କ ସଂସ୍ପର୍ଶରେ ଆସି ସ୍ୱର୍ଣ୍ଣରେ ପରିଣତ ହୋଇ ଯାଇଛି । ମେଘା ତପସ୍ୱୀଙ୍କୁ ସାଷ୍ଟାଂଗ ପ୍ରଣାମ କରି ବିଦାୟ ଦେଇଥିଲା । ପରଦିନ ତପସ୍ୱୀଙ୍କ ଠାରୁ ଜ୍ଞାନ ଆହରଣ କରି ମେଘା ଏକ ନୂତନ ସରଳ ଜୀବନ ଯାପନ ଆରମ୍ଭ କରିବା ସହିତ ଧିରେ ଧିରେ ରାତ୍ରିର ସେହି ଦୁଃସ୍ୱପ୍ନକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଥିଲା । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ କିଛି ନା କିଛି ସମସ୍ୟା ରହିଥାଏ ସେଗୁଡିକୁ ଯଦି ଆଧାତ୍ମିକ ମାର୍ଗରେ ସମାଧାନ କରି ପାରିବା ତେବେ ନିଶ୍ଚିତ ଦୁଃଖ କଷ୍ଟରୁ ଆମକୁ ମୁକ୍ତି ମିଳିବ । ବୁଦ୍ଧ ଦେବଙ୍କ ଗୋଟିଏ ଗଳ୍ପର ଛାୟାରେ କିଛି ପରିବର୍ତ୍ତନ କରି ଗଳ୍ପଟି ଲେଖା ଯାଇଛି ।

ଜୟ ଜଗନ୍ନାଥ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭

# ଆଉ ଗୋଟେ ବଉଳା

## ପ୍ରଫୁଲ୍ଲ ବାରିକ

ଗୋଟେ ବଉଳା ବାଘ ମୁହଁରୁ ଫେରିଥିଲା ସତ୍ୟରକ୍ଷା କରି । ଶୈଶବରୁ ଆଜିଯାଏ ଛବିଟିଏ ଅଛି ଛାତିରେ ଏବଂ ସତ୍ୟର ଶକ୍ତି ଆସନ ଜମେଇ ବସିଛି ହୃଦୟରେ ସେବେଠୁ । ସେ ବଉଳାର କଥୋପକଥନ ଥିଲା ବାଘସହ । ଏଠି ଯୋଉ ବଉଳା କଥା କୁହାଯିବ, ସେ ବଉଳା ସମ୍ପର୍କିତ ମଣିଷ ସହ । ପରସ୍ପରର କଥା ବୁଝୁଥିଲେ ଶବ୍ଦ ଉଚ୍ଚାରଣରୁ ନୁହେଁ, ଅନ୍ତରର ଭାବୋଚ୍ଛ୍ୱାସ ଓ ଭାବାବେଗରୁ । ଗାଈ ମଣିଷର ସମ୍ପର୍କ କୌଣସି ଗୁଣରେ କମ ନୁହେଁ ମଣିଷ ମଣିଷର ସମ୍ପର୍କ ଠାରୁ । ଏଠାରେ ଗାଈ ହଉଚି ମାଲିକର ଝିଅ । ଏବଂ ମାଲିକ ହେଉଛନ୍ତି ଅଳି ଅର୍ଦ୍ଦଳି ବୁଝୁଥିବା ଆପଣାର ଝିଅସମ ଗାଈର ବାପା ।

ଘଟଣାଟି ଏହିପରି । ଦିନ ଏଗାରଟା ହେବ । ବାରଣ୍ଡାରେ ବସି ଦେଖୁଥାଏ ପତ୍ରିକା ଖଣ୍ଡିଏ । ଆମ ଘର ସେପଟକୁ ବଡ଼ବାପାଙ୍କ ଘର । ବଡ଼ବାପା ଗଲେଣି । ତାଙ୍କ ପୁଅ ଏବେ ଘର ମାଲିକ । ଚାଷ, ଗାଈପାଳନ ଜୀବିକା ତାଙ୍କର ।

କାନରେ ବାଜିଲା ଭାରି ଗଳାରେ, ଓଦା ଓଦା ଶବ୍ଦ ଉଚ୍ଚାରଣରେ କେହି କହୁଛି କିଛି, ଯିମିତି ବାପଟିଏ ବୁଝାଏ ଝିଅକୁ ପରଘରୀ କରିବା ପରେ । ଆଚମ୍ୱିତ ହେଇ ଅନେଇଲି । ଭାଇ ନୁହନ୍ତି । ଦି'ଦିନ ତଳେ କିଣି ଖୁଣ୍ଟରେ ବାନ୍ଧିଥିବା ନୂଆଗାଈ ପାଖରେ ବସି କିଏ ଜଣେ କହୁଛି କଥାସବୁ । ଏବଂ ଆଶ୍ଚର୍ଯ୍ୟର କଥା, କଥା ଗୁଡିକ ଅଭିପ୍ରେତ ଲାଗୁଚି ଗାଈପ୍ରତି । ଆଉଟିକେ କାନେଇଲି । ଶେଷକୁ ଏକ ବିଶେଷ ଆକର୍ଷଣରେ ଟାଣିହେଇ ଗଲି ସେମାନଙ୍କ ପାଖକୁ ।

ପଛରୁ ଠିଆହେଇ ଚୁପଚାପ ଦେଖୁଥାଏ । ଏବଂ ଶୁଣୁଥାଏ ଲୋକଟିର କଥାକୁ । ଫୁଙ୍ଗୁଳା ଦେହରେ ବାସ ବୋଲି ଲୁଙ୍ଗି ଖଣ୍ଡିଏ । ଅବସ୍ଥା ସୂଚାଉଥାଏ ଗରିବୀର ।



ଗାଈ ପାଖକୁ ଲାଗିବସି ତା ବେକତଳ ମାଂସ ପିଣ୍ଡୁଳାକୁ ଆଉଁସି କହୁଛି, ତୋତେ ବିକିବାକୁ ଚାହୁଁ ନଥିଲିଲୋ । ମୋର ଅନ୍ୟ ଚାରା ନଥିଲା । ତୁ'ତ ଦେଖୁଥିବୁ ଆମ ଅବସ୍ଥାକୁ । ପରିସ୍ଥିତିରେ ପଡି ସିନା ଟେକିଦେଲି, ତୁ ଆସିବା ଠାରୁ ଘରେ ଚୁଲି ଅଜଳା । ଗୋଟା ରାତି ମୋର ବିତୁଛି ଖାଡା ଅନିଦ୍ରାରେ । ସବୁବେଳେ ଆଖିରେ ତୁ । କାନରେ ତୋର ହମ୍ବାରଡି । ଆଉ ରହି ପାରିଲି ନାଇଁ । ଆସିଲି । ଦୁଃଖ କରନା । ତୋର ନୂଆ ମାଲିକ ଭଲଲୋକ । ଥିଲା ଥାଇଲାର ଘର ତାଙ୍କର । ତୋ ଖାଇବାଠୁ ସେବା ଯତ୍ନରେ ଅଭାବ ରଖିବେନି ।

ଗାଈଟି ଲୋକଟିର କାନ୍ଧ ଉପରେ ତା ବେକକୁ ଥୋଇ କରୁଥାଏ ଅଳି । କହୁଥାଏ ଯିମିତି, ମୋର ଦର୍କାର ନାଇଁ ସେ ବଡ଼ ଘରର ଖାଦ୍ୟ । କି ତାଙ୍କର ଯତ୍ନ । ତମର କୁଟା କେରେ, ତୋରାଣି ବାଲଟିଏ ମୋ ପାଇଁ ଅମୃତ । ମୋତେ ନେଇଚାଲ ଏଠୁ । ଆମ ଘରକୁ ଏଇନେ । ଗାଈ ଆଖିର ଲୁହ ଲୋକଟି ପିଠିରେ ଠପ ଠପ ପଡିବାର ଅନୁଭବି ସେ କହିଲା, କାନ୍ଦନା, ମୋ ସୁନାଟା ପରା । ଧୈର୍ଯ୍ୟ ଧର । ଦିନ କେଇଟାରେ ସବୁ ଠିକ ହେଇଯିବ । ମୁହଁ ପାଖରେ ଥୁଆ ହେଇଥିବା ଅଭୁକ୍ତ ଘାସ ଓ ତୋରାଣୀକୁ ଦେଖି କହିଲା, ମୁଁ ଜାଣେ ଆମରି ପରି ତୁ'ବି ଓପାସ ଅନିଦ୍ରା ଥିବୁ ଆସିବା ଠାରୁ । ଭୁଲିଯାଆ ମୋତେ । ନାଇଁତ ଫାଟିଯିବ ମୋ ଛାତି । ତୁ କ'ଣ ଚାହୁଁ ମୁଁ ମରିଯାଏ ତୋ ଦୁଃଖରେ ? ମାଆଟା ପରା, ଖାଆ । ପିଇ ମୁନ୍ଦେ ତୋରାଣିରୁ । ଦେଖିଲେ ମୋ ଦେହରେ ପଶିବ ଜୀବନ । ମୋ ଆଖିରୁ ଶୁଖିବ ଲୁହ । ଅଣ୍ଟିରୁ ଗାମୁଛା ଖୋଲି ନିଜ ଆଖିରୁ ଲୁହ ପୋଛିବା ସହ ପୋଛିଦେଲା ଗାଲଦେଇ ନିଗୁଡୁଥିବା ଗାଈ ଆଖିର ଲୁହକୁ । ମୁହଁ ପାଖରେ ଆଣି ବସେଇଲା କୁଣ୍ଡା ତୋରାଣିର ବାଲତିକୁ । ତା କାନ୍ଧରୁ ବେକ ଉଠେଇ ସେ ବାଧରେ ଅନିଚ୍ଛା ସତ୍ୱେ ତୋରାଣୀ ବାଲତିରେ ମୁହଁ ପୁରେଇଲା ।

ଲୋକଟି ବୁଝେଇଲା, ଆଉ ଦି'ଦିନ ଛାଡି ମୁଁ ଆସିବି । ଆସି ଯିମିତି ଦେଖେ ତୁ ଆଦରି ନେଇଛୁ ନୂଆ ଘରକୁ । ଆଦରି ନେଇଛୁ ନୂଆ ମୁନିବଙ୍କୁ । ଦେଖିଲେ ଯାଇ ମୋ ଅନ୍ତରାତ୍ମା ପାଇବ ଶାନ୍ତି । ମୁଁ ଆସୁଛି ଧନ । କାନ୍ଦେନା..... ।

ଲୋକଟି ଉଠି ଠିଆହେଲା ବିଦାୟ ନେବାକୁ ଗାଈ ପାଖରୁ । ମୋ ଉପରେ ଆଖି ପଡିବାରୁ ସାମାନ୍ୟ ଲଜ୍ଜିତ ହେଇ କହିଲା, ମୋ ଗେଲ୍ଲୀଝିଅ । ମନେ ପଡିବାରୁ ରହି ନପାରି ଚାଲି ଆସିଲି । ଯାଉଛି । ଏକମୁହାଁ ଚାଲିଲା ଗାମୁଛାରେ ଲୁହ ପୋଛି ପୋଛି । ତା ଯିବା ବାଟକୁ ଅନେଇଥାଏ ତା ଝିଅ ସମାନ ଗାଈ ଲୁହ ଡବଡବ ଆଖିରେ । ମୁଁ ହତବାକ ଏ ଦୃଶ୍ୟରେ । ଧନ୍ୟ ସମ୍ପର୍କ । ସେ ମଣିଷ ସହ ମଣିଷର ହେଉ, କି ପଶୁ ପକ୍ଷୀର ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଭଦ୍ରକରେ ପ୍ରଥମ ଲୋକ ଅଦାଲତ: ୪,୩୩,୯୨,୨୯୮ ଟଙ୍କାରେ ୧୩୦୦ଟି ମୋକଦ୍ଦମା ଆପୋଷ ସମାଧାନ



ଭଦ୍ରକ,୦୯/୩ (ନି.ପ୍ର): ପ୍ରଥମ ଲୋକ ଅଦାଲତ, ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ଶ୍ରୀମତୀ ନେହା ଅଗରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରି ଥିଲେ । ମୋଟ ୪୩୩୯୨୨୯୮ ଟଙ୍କାରେ ୧୩୦୦ ଟି ବିଭିନ୍ନ ମୋକଦ୍ଦମାର ଆପୋଷ ସମଧାନ ହୋଇ ଥିଲା । ସେଗୁଡିକ ମଧ୍ୟରୁ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚରାଧୀନ ଥିବା ୩୬ ଟି ମାମଲାର ୩୪୨୯୧୦୦୦ ଟଙ୍କାରେ, ୩୪ ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୬୮୬୯୦୮୬ ଟଙ୍କାରେ, ୨୦ ଟି ବୈବାହିକ ବିବାଦ, ୮୮୫ ଟି ରାଜସ୍ୱ ମୋକଦ୍ଦମା, ୨୪୦୬୭୭ ଟଙ୍କାରେ, ୫୦ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୧୯୮ ଟି ବ୍ୟାଙ୍କ ଋଣ ମାମଲା ୩୨୯୨୫୮୭ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ ର ଟେଲିଫୋନ୍ ବିଲ ସମ୍ବନ୍ଧୀୟ ୧୦ ଟି ମାମଲା ୧୮୦୦୮ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରା ଯାଇଅଛି ।

# ବରକାନୀରେ ମହିଳା ଦିବସ ପାଳିତ

ବଲାଙ୍ଗିର,୦୯/୩ (ନି.ପ୍ର): ସ୍ଥାନୀୟ ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବରକାନୀ ପଂଚାୟତ ଅଫିସ ସଭାଗୃହ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଜନ ଶିକ୍ଷଣ ସଂସ୍ଥାନ ବଲାଙ୍ଗିର ଦ୍ୱାରା ଆୟୋଜିତ ସଭାରେ ସରପଂଚ ବଳଦେବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ନାରୀ ଆଉ ବର୍ତମାନ ଦୁର୍ବଳ ନୁହେଁ, ସେ ସବୁ କ୍ଷେତ୍ରରେ ପାଦ କାଢି ଦୁନିଆରେ ନିଜର ମୂଳଦୁଆ ପକାଇ ସାରିଲାଣି । ସମ୍ମାନୀତ ଅତିଥି ଭାବରେ ଶିକ୍ଷୟତ୍ରୀ ଚିରସ୍ମିତା ନାୟକ, ସିଆ ?ପି ସ୍ନିଗ୍ଧାରାଣୀ ନନ୍ଦ, ମିନି କୁମାରୀ ପଧାନ ଉପସ୍ଥିତ ଥିଲେ । ନିର୍ଦ୍ଦେଶିକା ସଂଘମିତ୍ରା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହ ଅଧକ୍ଷ ଛୋଟୁ ନାଗ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ।

# ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶ୍ୱ ମହିଳା ଦିବସ ଅବସରରେ ମହିଳା ସଭା



ବାଲେଶ୍ୱର,୦୯/୩ (ନି.ପ୍ର): ବିଶ୍ୱ ମହିଳା ଦିବସ ଅବସରରେ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟା ଓ ବିଭିନ୍ନ ମହିଳା ସଂଗଠନର ନେତୃତ୍ୱଙ୍କୁ ନେଇ ଶନିବାର ଅପରାହ୍ନରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ନିରଞ୍ଜନ ପରିଡ଼ା ସଭାରେ ଅଧକ୍ଷତା କରିଥିଲେ । ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ଗତ ୨୦୦୫ ମସିହାରୁ ବିଭିନ୍ନ ପର୍ଯ୍ୟାୟର ଆନ୍ଦୋଳନରେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ମହିଳାମାନଙ୍କର ଅଭୂତପୂର୍ବ ଯୋଗଦାନ ଫଳରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ମେଡିକାଲ୍ କଲେଜ ହସପିଟାଲ୍ ଓ ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ଆଗାମୀ ପ୍ରସ୍ତାବିତ ଆନ୍ଦୋଳନରେ ମହିଳାମାନଙ୍କ ଯୋଗଦାନରେ ହିଁ ନିଶ୍ଚୟ ସଫଳତା ମିଳିବ ବୋଲି ଜିଲ୍ଲା କମିଟି ପକ୍ଷରୁ ଇଂ. ହୃଷିକେଶ ସାହୁ, ନିରଞ୍ଜନ ରାଉତ, ସଂପାଦକ ପ୍ରଦୀପ ଦାସ, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, କ୍ଷିତୀଶ୍ୱର ଦାଶ, ଡା. ତାରାକାନ୍ତ ନନ୍ଦ, ଡ. କେଶବ ଚନ୍ଦ୍ର ପଣ୍ଡା, ଶତ୍ରୁଘ୍ନ ମଲ୍ଲିକ, ଶଚୀନ୍ଦ୍ର ଦାସ, ଶ୍ୟାମସୁନ୍ଦର ଜେନା, ବେଣୁଧର ପାଳ, ବୀରେନ୍ଦ୍ର ପ୍ରହରାଜ, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ମତ ପ୍ରଦାନ କରି ଉପସ୍ଥିତ ମହିଳା ନେତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମହିଳା ସାମ୍ମୁଖ୍ୟର ଉପସଭାନେତ୍ରୀ ତଥା ଆବାହିକା ସରସ୍ୱତୀ ପଣ୍ଡା, 'ଜାଗ୍ରତ' ନାରୀ ସଂଗଠନର ସମ୍ପାଦିକା ମମତା ଦାସ ପ୍ରମୁଖ ପରିବାରର କୌଣସି ସଦସ୍ୟ ଅସୁସ୍ଥ ହେଲେ ସେହି ପରିବାରର ମହିଳାମାନେ ହିଁ ସବୁଠାରୁ ଅଧିକ ବିଚଳିତ ହୁଅନ୍ତି ବୋଲି ଆଜି ବିଶ୍ୱ ମହିଳା ଦିବସରେ ବକ୍ତବ୍ୟ ରଖିଥିଲେ । ତେଣୁ ମହିଳାମାନେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ସହ ଏକ ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅବତାରଣା କରିଥିଲେ । କ୍ରିୟାନୁଷ୍ଠାନ କମିଟିର ଆଜୀବନ ସଦସ୍ୟ ତଥା ଯୁବ ସମାଜସେବୀ ବିକାଶ ଦାସଙ୍କ ଅକାଳ ବିୟୋଗରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କମିଟିର କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଶୋକପ୍ରସ୍ତାବ ଆଗତ କରିଥିଲେ । ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ଅର୍ଚ୍ଚନା ନନ୍ଦୀ "ଉଜ୍ଜ୍ୱଳ ସଂଭାବନା ଥିବା ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ସମାଜ ହରାଇଲା" ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସ୍ୱର୍ଗତ ବିକାଶ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଉପସ୍ଥିତମାନଙ୍କୁ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ଦେଇଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବାଉଁଶ ହସ୍ତଶିଳ୍ପ ତାଲିମ ମାଧ୍ୟମରେ ଗ୍ରାମୀଣ କାରିଗରଙ୍କ ସଶକ୍ତିକରଣ



ରାଉରକେଲା,୦୯/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ, ଆତ୍ମନିର୍ଭରଶୀଳତା ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ଦିଗରେ ନିରନ୍ତର ପ୍ରୟାସରେ ନିର୍ମାଣ ସୋସାଇଟି ଏବଂ ଏନରିଡ୍ ଫାଉଣ୍ଡେସନ୍ ସହଯୋଗରେ ଏକ ବାଉଁଶ ହସ୍ତଶିଳ୍ପ ଦକ୍ଷତା ବିକାଶ ଏବଂ ଜୀବିକା ସୃଷ୍ଟି ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଆରପି ଆଣ୍ଡ ଇ ବିଭାଗର ସିଜିଏମ ଶ୍ରୀ ଶ୍ରୀନିବାସ ମଲ୍ଲ ତାଲିମ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ନିର୍ମାଣ ସୋସାଇଟି ଓ ଏନରିଡ୍ ଫାଉଣ୍ଡେସନ ର ପ୍ରତିନିଧି ସୁଶ୍ରୀ ସେସିଲି ଏବଂ ଶ୍ରୀ ପ୍ରଶାନ୍ତ, ସିଏସ୍ଆର ର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ସେକ୍ଟର-୨୦ ସିଏସଆର ବିଭାଗର ଆଇପିଡ଼ି ଭବନରେ ଅନୁଷ୍ଠିତ ହୋଇଥିଲା ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଗ୍ରାମୀଣ କାରିଗରମାନଙ୍କୁ ସଶକ୍ତ କରିବାରେ ଦକ୍ଷତା ବିକାଶର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, "ଏହି ପଦକ୍ଷେପ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣ ସହିତ ସମନ୍ୱିତ ଅଟେ । ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକୀୟ ଦକ୍ଷତାରେ ସଜ୍ଜିତ କରି, ଆମେ ସ୍ୱାବଲମ୍ବନ ଏବଂ ସ୍ୱଦେଶୀ କାରିଗରୀଙ୍କୁ ପ୍ରୋତ୍ସାହିତ କରୁଛୁ ।'

ଏହି ତାଲିମ କାର୍ଯ୍ୟକ୍ରମ ବାଉଁଶ-ଆଧାରିତ କାରିଗରଙ୍କ ପାଇଁ ଏକ ଦୃଢ଼ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ତଥା ଅଗ୍ରଣୀ ଉଦ୍ୟୋଗଗୁଡ଼ିକ ସହିତ ସହଭାଗୀତା ମାଧ୍ୟମରେ ବଜାରକୁ ତ୍ୱରାନ୍ୱିତ କରିବା ପାଇଁ କଳ୍ପନା କରାଯାଇଛି । ଏହି ପଦକ୍ଷେପ କେବଳ ପାରମ୍ପରିକ କଳାକୃତିକୁ ସଂରକ୍ଷଣ କରେ ନାହିଁ ବରଂ ଆଧୁନିକ ଡିଜାଇନ୍ ଧାରାଗୁଡ଼ିକୁ ମଧ୍ୟ ଏକୀକୃତ କରେ, ଯାହା ବଜାରର କାର୍ଯ୍ୟକ୍ଷମତା ଏବଂ ମାପକାଠିକୁ ସୁନିଶ୍ଚିତ କରେ । ପାର୍ଶ୍ୱାଞ୍ଚଳର ୩୦ ଜଣ ଅବହେଳିତ ବର୍ଗର ଗ୍ରାମୀଣ ହିତାଧିକାରୀଙ୍କ ବିକାଶ ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମ ୩୦ କାର୍ଯ୍ୟ ଦିବସର ତାଲିମ ପ୍ରଦାନ କରୁଛି । ଏହି ବ୍ୟାପକ ପାଠ୍ୟକ୍ରମରେ ଦକ୍ଷତା ଉନ୍ନତିକରଣ, ଉତ୍ପାଦ ଡିଜାଇନ୍ ଏବଂ ବିକାଶ, ବଜାର ସଂଯୋଗୀକରଣ ଏବଂ ବାଉଁଶ ଚାଷ ମାଧ୍ୟମରେ ସ୍ଥାୟୀ କଞ୍ଚାମାଲ ସୋର୍ସିଂ ଅନ୍ତର୍ଭୁକ୍ତ । ଏହା ସହିତ, ତାଲିମ ପରବର୍ତ୍ତୀ ପାଞ୍ଚ ବର୍ଷର ସହାୟତା ବ୍ୟବସ୍ଥା ରହିଛି ଯାହା ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଦୀର୍ଘକାଳୀନ ଲାଭ ସୁନିଶ୍ଚିତ କରିବ, ସ୍ଥାୟୀ ଆୟ ସୃଷ୍ଟି ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ 'ଆତ୍ମନିର୍ଭର ଭାରତ' ର ଦୃଷ୍ଟିକୋଣ ପ୍ରତି ଯୋଗଦାନ ଦେବ ।

ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ର। ସମାବେଶକୁ ସ୍ୱାଗତ କରିଥିଲେ, ଏବଂ ସିଏସଆରର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ । ସିଏସଆର ବିଭାଗର ଏଜିଏମ ଶ୍ରୀ ଟି ବି ଟପ୍ପୋ, ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମକୁ ମ୍ୟାନେଜର (ସିଏସ୍ଆର) ସୁଶ୍ରୀ ରିଚା ସୁଧୀରାମ ସଂଯୋଜନା କରିଥିଲେ ।

# ଲଙ୍ଗଳେଶ୍ୱରରେ ଆର୍ନ୍ତଜାତିକ ମହିଳା ଦିବସ ପାଳିତ



ବାଲିଆପାଳ, ୦୯/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ସ୍ଥିତ କାଳିଝାଟି ପଡ଼ିଆ ରେ ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ଆର୍ନ୍ତଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି । ସଂଘ ର ଆବାହକ ସୁବଳ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା ଯୋଗଦେଇ ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ମହିଳା ଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରାଇବା ପାଇଁ ୧୯୭୭ ମସିହା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୮ ତାରିଖ କୁ ବିଶ୍ୱ ବ୍ୟାପି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଆସୁଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ସମାଜସେବୀ ସୌମ୍ୟଦିପ ଚକ୍ରବର୍ତ୍ତୀ ମହିଳା ଙ୍କୁ ସମ୍ମାନ, ସବୁ କ୍ଷେତ୍ରରେ ଅଗ୍ରାଧିକାର, ନାରୀ ଶଶକ୍ତକରଣ, ମହିଳା ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ରାଜ୍ୟ ମହାସଂଘ ର ସଭାନେତ୍ରୀ ସାରଦା ଗିରି, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର ବସନ୍ତ ସେନାପତି ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ସୁରକ୍ଷା, ମାତୃଜାତି କୁ ସମ୍ମାନ ଏବଂ ସମାଜ ପାଇଁ ମହିଳା ମାନଙ୍କ ର ଅତୁଳନୀୟ ଅବଦାନ ରହିଥିବା କଥା କହିଥିଲେ । ମହାସଂଘ ର ଜିଲ୍ଲା ସଭାନେତ୍ରୀ ରଞ୍ଜୁଲତା ଗିରି ଅତିଥି ପରିଚୟ ଓ ସଂଘ ର ରୂପ ରେଖ ବିଷୟରେ ସୁଚନା ପ୍ରଧାନ କରିଥିଲେ । ଏହି ଅବସରରେ ଭୋଗରାଇ ଆରୁହାବୃତ୍ତି ର ଆଦର୍ଶ ମହିଳା ବାସନ୍ତୀ ଜେନା ଙ୍କୁ ନାରୀ ଶ୍ରେଷ୍ଠ ସମ୍ମାନ ୨୦୨୫ ପ୍ରଧାନ କରାଯାଇଥିଲା । ମମତା ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଯୁବ ବିକାଶ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ



ବାଲେଶ୍ୱର,୦୯/୩ (ନି.ପ୍ର):ଯୁବ ବିକାଶ ଫାଉଣ୍ଡେସନ, ସ୍କୋର ଲାଇଭଲିହୁଡ୍ ଫାଉଣ୍ଡେସନ ଏବଂ ଏସଏମଏଫଜି ଗ୍ରାମଶକ୍ତି ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ଆଇଟିଆଇ ଛକ ନିକଟସ୍ଥ ଓଡେଶା ଭବନରେ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅବଦାନ ଓ ସଫଳତାକୁ ସ୍ୱୀକାର କରି 'ଶକ୍ତିର ଉତ୍ସ-ମହିଳା ସାମର୍ଥ୍ୟ' ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଏମ୍ବ୍ରୋଡରୀ ତାଲିମ ନେଉଥିବା ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ । ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ ସଭାପତିତ୍ୱ କରି 'ମହିଳାମାନେ ସମାଜର ମୂଳ ଶକ୍ତି' ବୋଲି ବାର୍ତ୍ତା ଦେଇଥିଲେ । ଅତିଥି ଭାବେ ନୀଳଗିରିର ଆଶା କର୍ମୀ ଯମୁନାମଣି ସିଂ, କବି ପ୍ରଶାନ୍ତ ଦାସ, 'ସମାଜ' ବାଲେଶ୍ୱର ସଂସ୍କରଣର ବ୍ୟୁରୋ ମୁଖ୍ୟ ଶଶିରଞ୍ଜନ ମଲ୍ଲିକ, ସାମ୍ବାଦିକା ବିଦେଶିନୀ ପଟେଲ, ମା' ଘରର ଅଧକ୍ଷ ସୁଚ୍ଛନ୍ଦା ମହାପାତ୍ର, ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ମହିଳାଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ଯୁବ ବିକାଶର ପ୍ରଶାନ୍ତ କୁମାର ପଟେଲ ଏବଂ ଅସିତ କୁମାର ଦଳାଇ, ସୁବାସ ଖୁଣ୍ଟିଆ, ପରେଶ କୁମାର କର, ଅମିତା କର, ପୁର୍ଣ୍ଣଚନ୍ଦ୍ର ଜେନା, ଚନ୍ଦନ କୁମାର, ଭାଗ୍ୟଲକ୍ଷ୍ମୀ ରାଉତ, ବିନତି ପରିଡା, ଲକ୍ଷ୍ମୀପ୍ରିୟା ମାର୍ଣ୍ଡି, ସମ୍ବିତ ଖୁଣ୍ଟିଆ, ରାଖାଲ ମାଇତି, ଚୁମକି ମାଝୀ ପ୍ରମୁଖ ପରିଚାଳନା କରିଥିଲେ ।

# ସେଲ୍, ଆରଏସପିରେ ମହାସମାରୋହରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ରାଉରକେଲା,୦୯/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ରେ ମାର୍ଚ୍ଚ ୮ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ମହା ଆଡମ୍ବରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା । ଏଥିରେ ବହୁ ପ୍ରେରଣାଦାୟୀ ବକ୍ତୃତା, ସାଂସ୍କୃତିକ ପ୍ରଦର୍ଶନ ସହିତ ଅନେକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କ ଦ୍ୱାରା ସୁଗଠିତ ସମାଜ ଏବଂ କର୍ମକ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନରେ ବଳିଷ୍ଠ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଏଥିରେ ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପିକା ମହିଳା ସଂଘତି ର ଅଧକ୍ଷ୍ୟା ଶ୍ରୀମତୀ ନମ୍ରତା ବର୍ମା ,ଭାରତୀୟ ହକି ଦଳର ପୂର୍ବତନ ଅଧିନାୟିକା ସୁଶ୍ରୀ ସୁଭଦ୍ରା ପ୍ରଧାନ, ଓଡ଼ିଶା ସରକାରଙ୍କ ଷ୍ଟାର୍ଟ-ଅପ୍ ଟାସ୍କ ଫୋର୍ସର ସଦସ୍ୟା ତଥା ଲୁମିନାସ୍ ଇନଫୋୱେଜ୍‌ର ସହ-ପ୍ରତିଷ୍ଠାତା ସୁଶ୍ରୀ ଜୟଶ୍ରୀ ମହାନ୍ତି ଏବଂ ଏବଂ ପ୍ରଶଂସିତ ଶାସ୍ତ୍ରୀୟ ଗାୟିକା ସ୍ମିତି ମିଶ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଉକ୍ତ ସନ୍ଧ୍ୟାର ଉପସ୍ଥିତ ଥିବା ଅନ୍ୟ ସମ୍ମାନିତ ଅତିଥିମାନେ ହେଲେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ.ପି. ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍. ପାଲ ଚୌଧୁରୀ, ସିଆଇଏସଏଫର ଡ଼ିଆଇଜି ଶ୍ରୀ ରତନ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର ?ୟଙ୍କ ସମେତ ଡି ଏମ ଏସ ର ଉପାଧକ୍ଷା, ଶ୍ରୀମତୀ ରୀତା ରାଣୀ ତଥା ଶ୍ରୀମତୀ ନବନୀତା ପାଲ ଚୌଧୁରୀ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସିଜିଏମ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ଉଭୟ ପୁରୁଷ ଓ ମହିଳା କର୍ମଚାରୀମାନେ ଉପସ୍ଥିତ ଥିଲେ ।

ସମାବେଶକୁ ସମ୍ବୋଧିତ କରି, ଶ୍ରୀ ଆଲୋକ ବର୍ମା ଲିଙ୍ଗଗତ ସମାନତା ଦିଗରେ ଯାତ୍ରାକୁ ପାଳନ କରୁଥିବା ଅନ୍ତର୍ଜାତୀୟ ମହିଳା ଦିବସରେ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ନିଜର ବ୍ୟକ୍ତିଗତ ଅଭିଜ୍ଞତା ସହଭାଗ କରି ଶ୍ରୀ ବର୍ମା ତାଙ୍କ ଜୀବନରେ ମହିଳାମାନଙ୍କର ଗଭୀର ପ୍ରଭାବ ବିଷୟରେ କହିଥିଲେ, ଯାହା ତାଙ୍କୁ ଭିନ୍ନ ଭାବରେ ଚିନ୍ତା କରିବା ଏବଂ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲା । ଆରଏସପିରେ ବରିଷ୍ଠ ମହିଳା ଅଧିକାରୀଙ୍କ ଅବଦାନକୁ ପ୍ରଶଂସା କରି ସେ ପାରମ୍ପରିକ ପୁରୁଷ-ପ୍ରାଧାନ୍ୟ ଇସ୍ପାତ ଶିଳ୍ପ ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ । ଏହା ଏକ ଅଧିକ ସମବେଶୀ ଏବଂ ପ୍ରଗତିଶୀଳ କର୍ମକ୍ଷେତ୍ର ପାଇଁ ପଥ ପ୍ରଶସ୍ତ କରିଛି ବୋଲି ସେ ଉଲ୍ଲେଖ କରିଥିଲେ । ଏହି ସାନ୍ଧ୍ୟ ସମାରୋହ ରେ ଶ୍ରୀମତୀ ସୁଭଦ୍ରା ପ୍ରଧାନ, ଶ୍ରୀମତୀ ସ୍ମିତି ମିଶ୍ର ଏବଂ ରୋଟାରିୟନ ଜୟଶ୍ରୀ ମହାନ୍ତିଙ୍କ ସମେତ ପ୍ରତ୍ୟେକ ଅତିଥି ବକ୍ତା ସେମାନଙ୍କର ଅଭିଜ୍ଞତା, ସଂଘର୍ଷ ଏବଂ ଆହ୍ୱାନଗୁଡିକ ବିଷୟରେ ଉପସ୍ଥାପନା କରିଥିଲେ ଯାହା ଉପସ୍ଥିତ ଦର୍ଶକଙ୍କୁ, ବିଶେଷକରି ମହିଳାମାନଙ୍କୁ, ନିଜ ନିଜ କ୍ଷେତ୍ରରେ ଥିବା ଅନେକ ପ୍ରତିବନ୍ଧକ ଏଡାଇବାକୁ ପ୍ରେରଣା ଦେଇଥିଲା । ସେମାନଙ୍କର ଜ୍ଞାନ ଏବଂ ଦୃଢ଼ତାର ବାସ୍ତବ କାହାଣୀ ଉପସ୍ଥିତ ସମସ୍ତଙ୍କୁ ବେଶ ପ୍ରଭାବିତ କରିଥିଲା ।

ଏହି ଅନନ୍ୟ ସନ୍ଧ୍ୟାଟି ଏକ କଳାତ୍ମକ ପରିବେଶ ପୂର୍ଣ୍ଣ ଥିଲା ଯେଉଁଥିରେ ଶ୍ରୀମତୀ ସ୍ମିତି ମିଶ୍ର ତାଙ୍କର ଆତ୍ମବିମୁଗ୍ଧ ସଙ୍ଗୀତ ପରିବେଷଣରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଥିଲେ । ଏହା ପରେ ଦୁଇଟି ଆକର୍ଷଣୀୟ ନାଟକ ମଧ ମଞ୍ଚସ୍ଥ ହୋଇଥିଲା, ଯାହା କାର୍ଯ୍ୟକ୍ରମର ସାଂସ୍କୃତିକ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ: ୨ ଶିକ୍ଷକଙ୍କ ସମେତ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜ୍ଜୁ, କାର୍ଯ୍ୟାନୁଷ୍ଠାନ ଦାବି

କୋରେଇ,୦୯/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ତେଲିଆ ଗ୍ରାମରେ ଦୁଇ ଶିକ୍ଷକଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଏନେଇ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ପାଇଁ ପୀଡିତ ପରିବାର ପକ୍ଷରୁ ଦାବି ହୋଇଛି । ପ୍ରକାଶ ଯେ, ତେଲିଆ ଗ୍ରାମର ଅଶୋକ ମାହାପତ୍ରଙ୍କ ସ୍ତ୍ରୀ ଦମୟନ୍ତି ମହାପାତ୍ରଙ୍କ ଅଭିଯୋଗ ମୁତାବକ, ସେ ତାଙ୍କ ଘର ବାହାରେ ଏକୁଟିଆ ଠିଆ ହୋଇଥିବା ସମୟରେ ତାଙ୍କ ଗ୍ରାମର ବିଜୟ ଦଳେଇ, ଦେବବ୍ରତ ଦଳେଇ, ପଂଚାନନନ ଦଳେଇ, ଗଣେନ୍ଦ୍ର ଦଳେଇ ପ୍ରମୁଖ ହଠାତ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଦମୟନ୍ତି ଗୁରୁତର ଆହତ ହୋଇଛି । ଦମୟନ୍ତିଙ୍କ ପାଟି ଶୁଣି ତାର ସ୍ୱାମୀ ଓ ପୁଅ ଆସିବାରୁ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏନେଇ ଦମୟନ୍ତି ଥାନାରେ ଅଭିଯୋଗ କରିବା ସହ ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ଅଭିଯୋଗ ପରେ ପୁଲିସ ଏକ ମାମଲା ୪୭/୨୫ ରୁଜ୍ଜୁ କରି ତଦନ୍ତ ଜାରି ରଖିଛି । ହେଲେ ଅଭିଯୁକ୍ତ ବିଜୟ ଓ ଦେବବ୍ରତ ଦୁଇ ଜଣ ଶିକ୍ଷକ ହୋଇ ମଧ୍ୟ ଅମାନୁଷିକ ଆକ୍ରମଣ କରିବାକୁ ପଛାଇନଥିଲେ । ସେମାନଙ୍କ ନାମରେ ପୂର୍ବରୁ ମଧ ମାମଲା ରହିଥିବା ଜଣାପଡିଛି ।

# ସୂଚନାଧିକାର କର୍ମୀଙ୍କୁ ଏସଡ଼ିପିଓଙ୍କ ଦୁର୍ବ୍ୟବହାର ନେଇ ଏସପିଙ୍କୁ ଅଭିଯୋଗ

କୋରେଇ,୦୯/୩ (ନି.ପ୍ର): ଥାନାକୁ ଅଭିଯୋଗ ନେଇ ଆସୁଥିବା ଅଭିଯୋଗକାରୀଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଭିଯୋଗକାରୀଙ୍କ ଏତଲାକୁ ଗ୍ରହଣ ନ କରିଲେ ନିଲମ୍ବନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାର ମାତ୍ର ଗୋଟିଏ ଦିନ ନ ପୁରୁଣୁ ଯାଜପୁର ପୁଲିସରେ ଏହା ବ୍ୟତିକ୍ରମ ଘଟିଛି । ଯାଜପୁର ଉପଖଣ୍ଡ ଅଧିକାରୀଙ୍କ ନିକଟକୁ ଅଭିଯୋଗ ନେଇ ଆସିଥିବା ଜଣେ ସୂଚନାଧିକାର କର୍ମୀଙ୍କ ଅଭିଯୋଗକୁ ଗ୍ରହଣ କରିବା ତ ଦୂରର କଥା ତାଙ୍କୁ ଦୁର୍ବ୍ୟବହାର କରି ଦପ୍ତରରୁ ବିଦା କରିଦେଇଛନ୍ତି । ଫଳରେ ଅପମାନିତ ହୋଇ ସୂଚନାଧିକାର କର୍ମୀ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅଧିନସ୍ଥ ଫତେପୁର ଗ୍ରାମର ସୂଚନାଧିକାର କର୍ମୀ ସୀମନ୍ତ କୁମାର ପାତ୍ର ଶନିବାର ଦିନ ସକାଳେ ବିଂଝାରପୁର ବଜାରକୁ ଯାଉଥିବା ବେଳେ ମାସଡ଼ା ବଜାରରେ ଏକ ହୋଟେଲରେ ଛିଡ଼ା ହୋଇ ଚା ପିଉଥିଲେ । ଉକ୍ତ ସମୟରେ ମାସଡ଼ା ଗ୍ରାମର ସ୍ୱର୍ଗତ ଫକୀର ରାଉଳଙ୍କ ପୁଅ ଦିଲ୍ଲୀପ ପୂର୍ବ ରାଜନୈତିକ କାରଣକୁ ନେଇ ସୀମାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମାରିବା ଲାଗି ହାତ ଉଠାଇଲେ । ସୀମାନ୍ତ ଏ ନେଇ ବିଂଝାରପୁର ଥାନାରେ ଅଭିଯୋଗ କରିବାକୁ ଯିବା ସମୟରେ ଦିଲ୍ଲୀପଙ୍କ ଠାରୁ ଖବର ପାଇ ତାଙ୍କର କିଛି ସହଯୋଗୀ ଥାନା ନିକଟରେ ସୀମାନ୍ତଙ୍କୁ ଜଗିଥିଲେ । ଫଳରେ ସୀମାନ୍ତ ଭୟଭୀତ ହୋଇ ଥାନାରେ ଅଭିଯୋଗ କରିବା ପରିବର୍ତେ ଯାଜପୁର ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଲାଗି ଯାଜପୁର ଆସିଥିଲେ । କିନ୍ତୁ ଯାଜପୁର ଉପଖଣ୍ଡ ଅଧିକାରୀ ସୀମାନ୍ତଙ୍କ ଅଭିଯୋଗ ଶୁଣିବା ବଦଳରେ ତାଙ୍କୁ ଟାଉଟର ଶୀଘ୍ର ଏଠୁ ପଳା ବୋଲି କହିଥିଲେ ।

# ମୁନି ସମାଜ ପକ୍ଷରୁ ଆଦର୍ଶ ମାତା ଝୁମମଣି ପାତ୍ରଙ୍କ ୮୪ ତମ ଜନ୍ମ ଉତ୍ସବ

ବାସୁଦେବପୁର, ୦୯/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବାସନ୍ତୀ ପଡିଆ ଠାରେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ପକ୍ଷରୁ ଆଦର୍ଶ ମାତା ଝୁମମଣି ପାତ୍ରଙ୍କ ୮୪ ତମ ଜନ୍ମ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ଯୋଗୀ ଉମାକାନ୍ତ ମୁନି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା। ମୁନି ରତ୍ନ ଯୋଗୀ ରବୀନ୍ଦ୍ର ମୁନି ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଯୋଗୀ ସୁଧାକର ମୁନି ଓ ଆରତୀ ଦେବୀ । ଏହି ଉତ୍ସବରେ ଅତିଥି ବନ୍ଧୁଗଣ ତାଙ୍କ ବକ୍ତବ୍ୟରେ କହିଲେ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଓ ଜୀବ ଜଗତର ସୁରକ୍ଷା ପାଇଁ ଉଦ୍ୟମ ଆବଶ୍ୟକ। ଆଧାତ୍ମିକ ଚିନ୍ତାଧାରାରେ ଆମକୁ ଚାଲିବାକୁ ପଡ଼ିବ ଏବଂ ପୂଜ୍ୟ ପୂଜାକୁ ଗୁରୁତ୍ୱ ଦେଇ ପିତା ମାତାଙ୍କୁ ସର୍ବଦା ପ୍ରଣାମ କଲେ ସଫଳତା ମିଳିବ । ଏହି ଉତ୍ସବରେ ସଂଗୀତ ପରିବେଷଣ କରିଥିଲେ ଯୋଗ ଶିକ୍ଷୟତ୍ରୀ ପ୍ରଭାତୀ ଦେବୀ, ମୁନି ମତୀ ପୂର୍ଣ୍ଣିମା ଦେବୀ ଓ ଯୋଗୀ କାଶୀନାଥ ମୁନି। ଏହି ଉତ୍ସବରେ ସଫଳ କୃଷକ ପୂର୍ଣ୍ଣଚନ୍ଦ୍ର ଧର ଓ ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁନି ସମାଜ ପକ୍ଷରୁ ଏହି ଉତ୍ସବର ଆୟୋଜକ ଗଜେନ୍ଦ୍ର ପାତ୍ର ଓ ନାରାୟଣ ପାତ୍ର ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପରିବାର ବର୍ଗ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।




## ଗ୍ରୀଷ୍ମ ପ୍ରବାହପାଇଁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର , ୦୯/୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହକୁ ନଜର ରଖି ପୁରୀ ଶ୍ରୀଜୀଉ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଖରା ଯୋଗୁଁ ରାସ୍ତା ତାତିବାକୁ ନଜରରେ ରଖି ବିଚାର ବିମର୍ଶ କରି ପଦକ୍ଷେପ ନିଆଯିବ। ଶ୍ରଦ୍ଧାଳୁ ଠିକ ଢ଼ଙ୍ଗରେ କିଭଳି ଦର୍ଶନ କରିବେ ସେଥିପାଇଁ ବ୍ୟବସ୍ଥା ଚାଲିଛି। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ନେଇ ମଧ୍ୟ ଏଇ ମାସ ଶେଷ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯିବ ପ୍ରକ୍ରିୟା ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ଅନ୍ତର୍ଜାତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୯/୩ (ନି.ପ୍ର): ଭାରତକୁ ପରାଧୀନ କରି ରଖିବା ପାଇଁ ଅନେକ ଆକ୍ରମଣକାରୀମାନେ ଆମର ଜ୍ଞାନ ପରମ୍ପରା ପ୍ରତି ସବୁଠୁ ଅଧିକ କ୍ଷତି ପହଞ୍ଚାଇଛନ୍ତି । ଆଜି ଯେତେବେଳେ ଆମେ ଏକବିଂଶ ଶତାବ୍ଦୀରେ ବିକଶିତ ଭାରତ ନିର୍ମାଣ କରିବା ପାଇଁ ଅଗ୍ରସର ହେଉଛୁ, ସେଥିପାଇଁ ଆମକୁ ଆମର ଜ୍ଞାନ ପରମ୍ପରାକୁ ପୁର୍ନଜାଗରଣ କରିବା ସହ ଏହାକୁ ଆଧୁନିକ ବିଜ୍ଞାନ, ଗବେଷଣା ଏବଂ ନବସୃଜନ ସହ ମଧ୍ୟ ଯୋଡିବାକୁ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ରବିବାର ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ (ଏବିଆରଏସଏମ) ଦ୍ୱାରା ଆୟୋଜିତ 'ସ୍ୱଦେଶୀ ଜ୍ଞାନ ପରମ୍ପରା ଏବଂ ସ୍ଥାୟୀ ବିକାଶ' ଉପରେ ଆୟୋଜିତ ଆନ୍ତର୍ଜାତୀୟ ସମ୍ମିଳନୀର ଉଦଘାଟନ ସମାରୋହକୁ ସମ୍ବୋଧିତ କରି କହଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଭାରତ ଏକ ବହୁଭାଷୀ ରାଷ୍ଟ୍ର । ଆମେ ଆମର ଏକତା ଏବଂ ବିବିଧତାରେ ବିଶ୍ୱାସ ରଖନ୍ତି । ଭାରତକୁ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଅନେକ ଶାସନ କରିବା ସହ ଆମର ଧନ, ସମ୍ପତ୍ତି ଲୁଟିବା ସହ ଐତିହ୍ୟକୁ କ୍ଷୁର୍ଣ୍ଣ କରିଛନ୍ତି । ଏଥିରେ ଯଦି ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ତେବେ ତାହା ହେଉଛି ଆମର ଜ୍ଞାନ ପରମ୍ପରା । ଆମର ପୁରାତନ ଶାସ୍ତ୍ର ଗୁଡ଼ିକରେ ଆଚରଣ ଏବଂ ଜୀବନ ମୂଲ୍ୟବୋଧର ଏକ ଅନନ୍ୟ ବାଖ୍ୟା ପ୍ରଦାନ କରାଯାଇଛି । ମହାଭାରତର ଗୀତା ଦର୍ଶନ ଆଜି ବି ନୈତିକତା ପରିଚାଳନାର ସର୍ବଶ୍ରେଷ୍ଠ ପୁସ୍ତକର ଉଦାହରଣ । ଆମକୁ ସେହି ପ୍ରଭାବୀ ବିଚାର ଗୁଡିକୁ ଆଧୁନିକ ଜୀବନ ପ୍ରବାହରେ ଅନୁରୂପ ଭାବେ ଯୋଡି ସମାଜ ଆଗରେ ଉପସ୍ଥାପନ କରିବାର ମାର୍ଗ ଅନ୍ୱେଷଣ କରିବାକୁ ହେବ । ଏକବିଂଶ ଶତାବ୍ଦୀରେ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ ହେଉଛି । ପ୍ରଧାନମନ୍ତ୍ରୀ ସମସ୍ତ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି କହିଛନ୍ତି । ଭାଷା ଆମ ଭାରତୀୟ ସଭ୍ୟତାରେ ଏକ ସେତୁ ବନ୍ଧ ପରି କାମ କରୁଛି । ପିଏମଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ଏହି ଭାବନାକୁ ଆଗକୁ ନେଇ ଭାରତୀୟ ଶିକ୍ଷା ପ୍ରଣାଳୀକୁ ଭାରତୀୟ ଭାଷାରେ ପ୍ରଯୁକ୍ତିବିଦ୍ୟା, ଡିଜିଟାଲାଇଜେସନ୍, ଏଆଇ ଭଳି ବିଷୟକୁ ଯୋଡି ଏକ ବହୁମୁଖୀ, ସାମଗ୍ରିକ ତଥା ଦକ୍ଷତା ଆଧାରିତ ଶିକ୍ଷା ପ୍ରଣାଳୀକୁ ଆଗକୁ ନେଉଛି । ଦେଶରେ ଥିବା କୀର୍ତି ରାଜି ଓ ଐତିହ୍ୟର ନିର୍ମାଣ ମଧ୍ୟ ଆଜିର ଦିନରେ ଭାବିବା ବହୁତ ଆଶ୍ଚର୍ଯ୍ୟଜନକ ମନେହୁଏ । ଆମକୁ ଆମର ଏହି ପ୍ରାଚୀନ ଐତିହ୍ୟ ଓ ବିଚାରଗୁଡ଼ିକୁ ନୂଆ କୌଶଳ ଏବଂ ଆଧୁନିକ ଦୃଷ୍ଟିକୋଣ ମାଧ୍ୟମରେ ବୁଝିବା ସହ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ଆବଶ୍ୟକ । ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ଏହି ଦୁଇଦିନିଆ ସମ୍ମିଳନୀ ଏହି ଦିଗରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ କରିବ ।

ଆଜିର ଭାରତର ଦାୟିତ୍ୱ କେବଳ ଦେଶର ଭୂଗୋଳ ପର୍ଯ୍ୟନ୍ତ ସୀମିତ ନୁହେଁ । ଭାରତର ଯୁବପିଢ଼ିଙ୍କ କାନ୍ଧରେ ବିଶ୍ୱ ଆବଶ୍ୟକତାକୁ ପୂରଣ କରିବାର ଦାୟିତ୍ୱ ମଧ୍ୟ ଅଛି । ଏଥିପାଇଁ ଜାତୀୟ ଶିକ୍ଷାନୀତି ଏବଂ ଆମର ଶିକ୍ଷା ପ୍ରଣାଳୀର ମୂଳ ଆଧାରରେ ଦେଶ ଯେଉଁ ନାଗରିକଙ୍କୁ ତିଆରି କରିବ, ସେମାନେ କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱର ଆବଶ୍ୟକତାକୁ ପୂରଣ କରିବେ। ଯଦି ଆମେ ଆମ ନୂତନ ପିଢ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ଚାହୁଁଛୁ, ତା'ହେଲେ ଆମ ଶିକ୍ଷକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ଆବଶ୍ୟକ । ଆମର ଶିକ୍ଷକ ଚାପମୁକ୍ତ ହେଲେ ହିଁ ସେମାନେ ଆମର ଯୁବବର୍ଗମାନଙ୍କୁ କେବଳ ଭାରତର ନୁହେଁ, ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ଖୋଜିବା ପାଇଁ ପ୍ରସ୍ତୁତ କରିପାରିବେ । ତେବେ ଯାଇ ବିକଶିତ ଭାରତର ନିର୍ମାଣ ସଫଳ ହେବ ।




## ଆଦର୍ଶ ଏସ୍ଆଇ ସମ୍ମାନିତ

ଭୁବନେଶ୍ୱର, ୦୯/୩ (ନି.ପ୍ର): ସାନିଟାରୀ ଇନିସପେକ୍ଟର ରଶ୍ମିରେଖା କର, ବର୍ତ୍ତମାନ ଭୁବନେଶ୍ୱରରେ ମହାନଗର ନିଗମ(ବି ଏମ୍ ସି)ର ୱାର୍ଡ ନମ୍ବର ୨୨ ରେ କାର୍ଯ୍ୟରତା। ପ୍ରାୟ ଦୁଇବର୍ଷ ଛଅ ମାସ ହେଲା ସେ କାର୍ଯ୍ୟରେ ଯୋଗଦାନ କରିଥିଲେ । ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ତାଙ୍କୁ ଏମ୍ ସି ତରଫରୁ ସମ୍ମାନିତ କରାଯାଇଥିଲା । ନିଜର ଆଗ୍ରହ ଓ ଅଂଚଳର ସ୍ୱଚ୍ଛତା ପ୍ରତି ପ୍ରଗାଢ ଇଚ୍ଛା ତାଙ୍କୁ ଏହି ସମ୍ମାନ ଦେଇଛି ବୋଲି କହନ୍ତି ରଶ୍ମୀ ରେଖା । ଭରତପୁର, ପଣ୍ଡା କୁଦିଆ, ଶାମପୁର, ପାଇକରାପୁର, ଜିଏ କଲୋନୀର ବିଭିନ୍ନ ଅଂଚଳରେ ଅହରହ କାର୍ଯ୍ୟ କରି ନିଜ ଟିମ୍ ସହିତ ଯୋଗାଯୋଗରେ ଥାଆନ୍ତି।

ନିଜେ ସେହି ଅଂଚଳର ହୋଇ ନିଜ ଘର ପାଖରେ ଓ ନିଜ ୱାର୍ଡର ଦାୟିତ୍ୱ ନେଇଥିବାରୁ କେବେ ବି ବସି ରହନ୍ତି ନାହିଁ। ଅଂଚଳ ଅଳିଆ ହେଲେ ଲୋକେ ମୋତେ କହିବେ, ତେଣୁ ମୋ ୱାର୍ଡକୁ ସଜାଡ଼ିବାକୁ ପଣ କରିଛୁ ଆମ ଟିମ୍, କହନ୍ତି ରଶ୍ମିରେଖା । ତେବେ ଅଧିକାରୀଙ୍କୁ ପଚାରିବାରେ, ଏସ୍ ଆଇ ଜଣଙ୍କ ଖୁବ୍ ପାରଙ୍ଗମ, ସମୟାନୁବର୍ତ୍ତିତା ଏବଂ ପ୍ରଥମ କରି ଉପସ୍ଥାନ ଦେବା ତଥା ଅଳିଆ ସ୍ଥାନ ପରିଷ୍କାର କରିବାରେ ଧୁରନ୍ଧର ବୋଲି ଜଣା ପଡ଼ିଛି ।

ମାଆଙ୍କ ଆଦର୍ଶ ମୋତେ ନିଜ ସହର ପାଇଁ କାର୍ଯ୍ୟ କରିବାରେ ଆଗ୍ରହ ଜନ୍ମାଇଥାଏ ଏବଂ ମୁଁ ଏହା ବଜାୟ ରଖିବି ବୋଲି କହିଛନ୍ତି ପୁରସ୍କୃତା ଏସ୍ ଆଇ।

# ସାଇ ସାଧନା ବିଜ୍ଞାନ କଲେଜରେ ମେଧାବୃତ୍ତି ପରୀକ୍ଷା

ଉଦଳା, ୦୯/୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ଉଦଳାସ୍ଥ ସାଇ ସାଧନା +୨ ବିଜ୍ଞାନ କଲେଜରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଂଜ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ ମୋଟ ୧୧ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଏ ପ୍ରସଙ୍ଗରେ ସାଇ ସାଧନା ଟ୍ରଷ୍ଟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ସେ ମେଧା ପୁରସ୍କାର ପାଇଥିବା ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ ଅଧ୍ୟବସାୟ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। କଠି ପରିଶ୍ରମ ହିଁ ମଣିଷକୁ ଉଚ୍ଚ ସୋପାନରେ ପହଁଚାଇଥାଏ ବୋଲି ଅଭିମତ ପ୍ରଦାନ କରିଥିଲେ। ଅନୁଷ୍ଠାନର ଏକାଡେମୀ ଡାଇରେକ୍ଟର ପ୍ରଫେସର ଶ୍ରୀଯୁକ୍ତ ଅନାଦି ଚରଣ ଗାଁଣ ଅତିଥି ରୂପେ ଯୋଗଦେଇ ବିଜ୍ଞାନ ଶିକ୍ଷା ପାଇଁ ସାଇ ସାଧନା +୨ ବିଜ୍ଞାନ କଲେଜ କିପରି ଏକ ସଫଳ ଅନୁଷ୍ଠାନ ଓ ଏଠାରେ ଅଧ୍ୟୟନ କରି ବହୁ ଛାତ୍ର କିପରି ମେଡିକାଲ, ଇଂଜିନିୟରିଂ, ମ୍ୟାନେଜମେଂଟ, ଶିକ୍ଷା ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି, ତାହାର ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରିୟବ୍ରତ ବେହେରା ସାଇ ସାଧନାର ଶୈକ୍ଷିକ ପରିବେଶ, ନିୟମିତ ସନ୍ଦେହ ମୋଚନ ବ୍ୟବସ୍ଥା, ବାତାନୁକୂଳ ଶ୍ରେଣୀକକ୍ଷ, ଅଭିଜ୍ଞ ଓ ଦକ୍ଷ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଇ ସାଧନା ଟ୍ରଷ୍ଟର ସଂପାଦକ ଶ୍ରୀଯୁକ୍ତ ସୁକାନ୍ତ କମାର ବିନ୍ଧାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କଲେଜ ସଂପାଦିକା ଶ୍ରୀମତୀ ପ୍ରଭାସିନୀ ବିନ୍ଧାଣୀ, ସଭ୍ୟା ଶ୍ରୀମତୀ ମମତା ପରିଚ୍ଛା, ସତ୍ୟମ ପରିଚ୍ଛା, ହରପ୍ରିୟା ସାହୁ, ବିଭୁଦତ୍ତ ମହାରଣା, କମଳିକା ବିନ୍ଧାଣୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ପୁରସ୍କୃତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନେ ହେଲେ ପ୍ରଣବ କୁମାର ଗିରି, ବନଜା ବାସିନୀ ଦାସ, ଅରବିନ୍ଦ ନାଏକ, ସାଇଅମୃତ ନାୟକ, ଗାୟତ୍ରୀ ବେହେରା, ତନୁଶ୍ରୀ ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ରାଜକିଶୋର ମୁର୍ମୁ, ସ୍ୱାଗତିକା ମହାନ୍ତ, ଦୈତ୍ୟରାଜ ନନ୍ଦ, ରାହୁଲ ମୁର୍ମୁ ପ୍ରମୁଖ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



# ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ଦ୍ୱାରା ଜୟପୁରଠାରେ ୧୦ମ ଦକ୍ଷତା ବିକାଶ କେନ୍ଦ୍ରର ଉଦ୍ଘାଟନ ଓ ଜିଲ୍ଲା ସମ୍ମିଳନୀ

ଜୟପୁର, ୦୯/୩ (ନି.ପ୍ର): ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଉତ୍ସବର ଅଂଶ ଭାବରେ, ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ କୋରାପୁଟ ଜିଲ୍ଲାର ଜୟପୁର ଠାରେ ଆଜି ଏକ ନୂଆ ଦକ୍ଷତା ବିକାଶ କେନ୍ଦ୍ର ରାଜ୍ୟ ସଭାପତି ସତ୍ୟ ସ୍ୱରୁପ ପଟ୍ଟନାୟକଙ୍କ ଦ୍ୱାରା ଉଦ୍ଘାଟନ ହୋଇଛି । ଏହି ପ୍ରୟାସ ଶିକ୍ଷା ଛାଡିଦେଇଥିବା ଏବଂ ଅବସର ଅଭାବରେ ପଛରେ ପଡ଼ିଥିବା ଯୁବ ସମାଜଙ୍କୁ ଦକ୍ଷତା ଅର୍ଜନର ମାଧ୍ୟମରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। କୋରାପୁଟ ଜିଲ୍ଲା ଅଧିକାଂଶ ଆଦିବାସୀ ଅଂଚଳ ଥିବା ସତ୍ତ୍ୱେ, ଏଠି ନିଜର ଜୀବିକା ନିମନ୍ତେ ନୂତନ ଦକ୍ଷତା ଅର୍ଜନର ଆବଶ୍ୟକତା ଅତ୍ୟଧିକ ଥିବାରୁ ପଛୁଆ ବର୍ଗର ଯୁବକ ଓ ଯୁବତି ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏହାର ଲକ୍ଷ୍ୟ । ଏହି ନୂଆ କେନ୍ଦ୍ରରେ ବିନା ଖର୍ଚ୍ଚରେ ଗଣନା ଶିକ୍ଷା କୋର୍ସ ଏବଂ ଟେଲରିଂ ଶିକ୍ଷା ଯୁବ ସମାଜଙ୍କୁ ଦିଆଯିବ । ୧୮-୩୫ ବର୍ଷ ବୟସ୍କ ଯୁବ ସମାଜ ଏଥିରେ ଭାଗ ନେଇପାରିବେ। ପ୍ରଥମ ଦଳରେ ୧୮ ଜଣ ଗଣନା ଶିକ୍ଷା ପାଇଁ ଏବଂ ୧୨ ଜଣ ଟେଲରିଂ କୋର୍ସ ପାଇଁ ଅନୁମତି ଦିଆଯାଇଛି । ଏହି ଶିକ୍ଷା ଅଭିଯାନ ୧୦ ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହେବ । ଆଜି ସକାଳ ସତ୍ୟସାଇ ମନ୍ଦିରରେ ସୁପ୍ରଭାତମ ନଗର ସଂକିର୍ତନ କରିବା ସହ ଜ୍ୟୋତି ଆବାହନ ପରେ ଜିଲ୍ଲା ସଭାପତି କେ. ମାର୍କଣ୍ଡେୟ ସରାଫ ସ୍ୱାଗତ ସମ୍ଭାଷଣ ଓ ଉଦଘାଟନୀ ସମ୍ଭାଷଣ ହେଇଥିଲେ ରାଜ୍ୟ ସଭାପତି ସତ୍ୟ ସ୍ୱରୁପ ପଟ୍ଟନାୟକ ଦେଇଥିଲେ । ଏହାପରେ ସାଂଗଠନିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଶାନ୍ତି ସେବା ଓ ପ୍ରଶାନ୍ତା ଯାତ୍ରା ସହ ନିସ୍ୱାର୍ଥପର ସେବା ହିଁ ମାନବ ସେବା ଉପରେ ଭକ୍ତ ମାନଙ୍କୁ ବିଭିନ୍ନ ବକ୍ତା ଆଲୋଚନା କରିଥିଲେ । ଏହାପରେ ରାଜ୍ୟ ସଭାପତି କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ସଭାପତି ଓ କାର୍ଯ୍ୟକର୍ତ୍ତା ମାନଙ୍କ ସହ ସାଙ୍ଗଠନିକ ଆଲୋଚନା କରିଥିଲେ । ଶେଷରେ ଜୟପୁର ସମିତ ଆବାହକ ରମେଶ ଗୁପ୍ତା ଧନ୍ୟବାଦ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ୨ ବର୍ଷରେ ...

ରାଶି ଦେବେ ସରକାର। ନିବେଶକଙ୍କ ପାଇଁ ମୂଳ ପୁଞ୍ଜିରେ ରିହାତି ସହ ୩୫ ଲକ୍ଷ ଯାଏଁ ବିଦ୍ୟୁତ ବିଲ୍ ବି ଛାଡ଼ ହେବ। ନୂଆ ସରକାର ଆଣୁଛନ୍ତି ନୂଆ ଆଇଟି ପଲିସି। ରାଜ୍ୟରେ ଓଞ୍ଚ ଏବଂ ଓଞ୍ଚର୫ କଂପାନୀ ପାଇଁ ୧୦୦ କୋଟି ଯାଏଁ ନିବେଶରେ ମୂଳ ପୁଞ୍ଜିରେ ୩୦ ପ୍ରତିଶତ ଯାଏଁ ରିହାତି ଦେବେ ସରକାର। ଅର୍ଥାତ ନିବେଶକଟିଏ ୩୦ କୋଟି ଯାଏଁ ରିହାତି ପାଇପାରିବେ। ସେହିପରି ୧୦୦ରୁ ୨୦୦ କୋଟି ଯାଏଁ ୨୫ ପ୍ରତିଶତ ଏବଂ ୨୦୦ କୋଟିରୁ ଅଧିକ ନିବେଶରେ ୨୦ ପ୍ରତିଶତ ରିହାତି ଦେବେ ରାଜ୍ୟ ସରକାର। ଜମି ବାବଦକୁ ବି ରହିଛି ରିହାତି ସୁବିଧା। ଏମିତି କି ସରକାରୀ ବିଲ୍ଡିଂ ଷ୍ଟାର୍ଟ ଅପ୍ ତଥା ଭଡ଼ାରେ ଅଫିସ ଚାହୁଁଥିବା ଆଇଟି କମ୍ପାନୀକୁ ଅଫିସ ଭଡ଼ା ବାବଦକୁ ରହିଛି ରିହାତି। ୩ରୁ ୫ ବର୍ଷ ଯାଏଁ ୫୦ ପ୍ରତିଶତ ଭଡ଼ା ବହନ କରିବେ ସରକାର। ସେହିପରି ୩୫ ଲକ୍ଷ ଯାଏଁ ୩୦ ପ୍ରତିଶତ ବିଜୁଳି ବିଲ୍ ବି ଛାଡ ହେବ। ପ୍ରଥମ ପାଞ୍ଚ ବର୍ଷ ପାଇଁ ବାର୍ଷିକ ୧୨ ଲକ୍ଷ ଯାଏଁ ଇଣ୍ଟରନେଟ ଫି ବି ଦେବେ ସରକାର। ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ପୂର୍ବ ସରକାରଙ୍କ ପଲିସି ଧୂଆଁବାଣ ଥିଲା, ଆମେ ପ୍ରତିଶ୍ରୁତି ପୂରଣ କରିବୁ। ଏବେ ଏକ ଡ୍ରାଫ୍ଟ କରି ମତାମତ ନେଉଛନ୍ତି ସରକାର। ଖୁବ ଶୀଘ୍ର କ୍ୟାବିନେଟ୍ ମୋହର ବାଜିବା ପରେ ଆସିବ ମୋହନ ସରକାରଙ୍କ ନୂଆ ଆଇଟି ପଲିସି। ଅନ୍ୟ ପଟେ ଆଇଟି କ୍ଷେତ୍ର ପାଇଁ ବି ବଜେଟରେ ହୋଇଛି ସ୍ୱତନ୍ତ୍ର ବ୍ୟୟବରାଦ। ରାଜ୍ୟରେ ୮ଟି ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ରହିଥିବା ବେଳେ ଆଉ ୮ଟି ୫ଞ୍ଚଟଓ ପ୍ରତିଷ୍ଠା କରାଯିବ। ଏଥି ପାଇଁ ଶହେ କୋଟି ଖର୍ଚ୍ଚ କରିବେ ସରକାର। କେନ୍ଦୁଝର ଏବଂ କୋରାପୁଟରେ ହେବ ଡାଟା ସେଣ୍ଟର। ନୂଆ ଆଇଟି ପଲିସି ନେଇ ରାଜ୍ୟ ଏବଂ ରାଜ୍ୟ ବାହାରର ଆଇଟି ବିଶେଷଜ୍ଞ ଏବଂ ନିବେଶକଙ୍କ ମତାମତ ନେଉଛନ୍ତି ସରକାର। ଓଡ଼ିଶା ସଫ୍ଟୱେୟାରର ଚାହିଦା ବାହାରେ ବଢୁଥିବା ବେଳେ ଆସନ୍ତା ୨ ବର୍ଷରେ ଆଇଟି କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତାସହିତ ଆସନ୍ତା ୨ରୁ ୩ ବର୍ଷ ଭିତରେ ଓଡିଶାକୁ ଆଇଟି ହବ୍ କରିବାକୁ ସରକାରଙ୍କ ଯୋଜନା ରହିଛି।

### ଜୟନାରାୟଣଙ୍କ ମନ୍ତବ୍ୟକୁ ...

ବେଳେ, ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ଏହା ଜୟନାରାୟଣଙ୍କ ବ୍ୟକ୍ତିଗତ ମତ। ବିଜେପି ସରକାର ଆଂଚଳିକ ବାଦରେ ବିଶ୍ୱାସ କରେନି। ବରଂ ମୋହନ ସରକାର ପଶ୍ଚିମ ଓଡ଼ିଶାର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ସେପଟେ ଉତ୍କଳ ସମ୍ମିଳନୀ, ଜୟନାରାୟଣଙ୍କ ମନ୍ତବ୍ୟର ତୀବ୍ର ପ୍ରତିବାଦ କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଦା ପଶ୍ଚିମ ଓଡ଼ିଶାକୁ ଅବହେଳାର ଅଭିଯୋଗ ବହୁ ପୁରୁଣା, ସେମିତି କୋଶଳ ରାଜ୍ୟକୁ ନେଇ ଆନ୍ଦୋଳନ ବି। ସରକାରୀ ଅବହେଳା ବିରୋଧରେ ପୂର୍ବତନ ବିଧାୟକ ବାଳଗୋପାଳ ମିଶ୍ର ଏକଦା ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଆନ୍ଦୋଳନର ନେତୃତ୍ୱ ନେଇଥିଲା ବେଳେ କାଳକ୍ରମେ ଏହା ଶିଥିଳ ପଡ଼ି ଆସିଥିଲା। ତେବେ ଗତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହି ଅବହେଳା ପ୍ରସଙ୍ଗକୁ ପୁଣି ଉଠାଇ ଆବଶ୍ୟକ ହେଲେ ଓଡ଼ିଶା ଦୁଇଫାଳ ହେବ କହି ନିଆଁରେ ଘିଅ ଢାଳିଥିଲେ ବରିଷ୍ଠ କଂଗ୍ରେସ୍ ନେତା ନରସିଂହ ମିଶ୍ର। 'ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ୍'। ସରକାରୀ କାର୍ଯ୍ୟକ୍ରମ ମଂଚରେ, ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପସ୍ଥିତିରେ ପଶ୍ଚିମ ଓଡ଼ିଶା ବିଜେପିର ବଡ଼ ଚେହେରା, ବିଧାୟକ ଜୟନାରାୟଣ ମିଶ୍ରଙ୍କ ଏ ମନ୍ତବ୍ୟକୁ ନେଇ ରାଜନୈତିକ ଝଡ଼। ବିଜେପି ଓ ଜୟନାରାୟଣଙ୍କୁ ବିରୋଧୀଙ୍କ ଶାଣିତ ଆକ୍ରମଣ। ବିଜେଡି କହିଛି ନିଜ ସ୍ୱାର୍ଥ ସାଧନ ପାଇଁ ଏମିତି ବିଭେଦ ସୃଷ୍ଟି କରୁଛନ୍ତି ବିଜେପି ନେତା। ଯିଏ ଏମିତି କହୁଛନ୍ତି ଓଡ଼ିଶା ଦୁଇଭାଗ ହେଲେ ସେ ମୁଖ୍ୟମନ୍ତ୍ରୀ ହେବାର ଆଶା ବାନ୍ଧିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଅନୁରୂପ ହମଲା କରି ଓଡ଼ିଶାକୁ ଭାଗ ଭାଗ କରିବା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛି। ବିଧାୟକ ତାରା ବାହିନୀପତି କହିଛନ୍ତି ଆଜି କୋଶଳ କଥା ଉଠୁଛି, କାଲି ଦକ୍ଷିଣାଞ୍ଚଳ, ତାପରେ ଉତ୍ତରାଞ୍ଚଳ କଥା ଉଠିବ, ତା ହେଲେ ଓଡ଼ିଶାକୁ ଭାଗ ଭାଗ କରିଦେବା କି ବୋଲି ପ୍ରଶ୍ନ କରିଛନ୍ତି। ତେବେ ଏହା ଜୟନାରାୟଣଙ୍କର ବ୍ୟକ୍ତିଗତ ମତ, ବିଜେପି କେବେ ଓଡ଼ିଶାକୁ ଭାଗ କରିବା ଚାହେଁନି କି ଆମ ଭିତରେ ଉତ୍କଳ-କୋଶଳ ଆଂଚଳିକ ଭେଦଭାବ ନାହିଁ ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ମୋହନ ସରକାର ପଶ୍ଚିମ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦେଇଆସୁଛନ୍ତି। ପଶ୍ଚିମ ଓ ପୂର୍ବ ଓଡ଼ିଶା ବିବାଦ କିଛି ନୂଆ ନୁହେଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଦା ପଶ୍ଚିମ ଓଡ଼ିଶାକୁ ଅବହେଳାର ଅଭିଯୋଗ ବହୁ ପୁରୁଣା, ସେମିତି କୋଶଳ ରାଜ୍ୟକୁ ନେଇ ଆନ୍ଦୋଳନ ବି। ସରକାରୀ ଅବହେଳା ବିରୋଧରେ ପୂର୍ବତନ ବିଧାୟକ ବାଳଗୋପାଳ ମିଶ୍ର ଏକଦା ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଆନ୍ଦୋଳନର ନେତୃତ୍ୱ ନେଇଥିଲା ବେଳେ କାଳକ୍ରମେ ଏହା ଶିଥିଳ ପଡ଼ି ଆସିଥିଲା। ତେବେ ଗତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହି ଅବହେଳା ପ୍ରସଙ୍ଗକୁ ପୁଣି ଉଠାଇ ଆବଶ୍ୟକ ହେଲେ ଓଡ଼ିଶା ଦୁଇଫାଳ ହେବ କହି ନିଆଁରେ ଘିଅ ଢାଳିଥିଲେ ବରିଷ୍ଠ କଂଗ୍ରେସ୍ ନେତା ନରସିଂହ ମିଶ୍ର। ଏମିତି ବିଧାନସଭାରେ ବି ଏହା କହିଥିଲେ ନରସିଂହ। ଅନ୍ୟପକ୍ଷରେ ସେହି ସମୟରେ ଅଭିନେତା ମନୋଜ ମିଶ୍ରଙ୍କୁ କିଛି ପ୍ରଯୋଜକ ବ୍ୟାନ୍ କରିବା ପ୍ରସଙ୍ଗକୁ ନେଇ ବି ଅସନ୍ତୋଷର ନିଆଁ ଜଳିଥିଲା। ଆଉ ଏବେ ଜୟନାରାୟଣଙ୍କ ମନ୍ତବ୍ୟରେ ପ୍ରତିକ୍ରିୟା ରଖି ସଂପୂର୍ଣ୍ଣ ସମର୍ଥନ ନକଲେ ବି ଜୟନାରାୟଣଙ୍କ କଥାକୁ ବିରୋଧ କରୁନି ବୋଲି କହିଛନ୍ତି ନରସିଂହ। ଅପରପକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏଭଳି ବିଭାଜନକାରୀ ମନ୍ତବ୍ୟର ତୀବ୍ର ନିନ୍ଦା କରାଯାଇଛି। ଗତକାଲି ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଜୟନାରାୟଣ ଆଜି କୌଣସି ପ୍ରତିକ୍ରିୟା ରଖି ନଥିଲା ବେଳେ, ତାଙ୍କ ମନ୍ତବ୍ୟ କିନ୍ତୁ ଏକପ୍ରକାର ସରକାର ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କୋଶଳ-ଉତ୍କଳ ବିବାଦକୁ ନୂଆ ସରକାର କିଭଳି ଢଙ୍ଗରେ ନେଉଛନ୍ତି, କଣ ସମାଧାନର ରାସ୍ତା ବାହାର କରୁଛନ୍ତି ତା ଉପରେ ନଜର।

### ବିଶ୍ୱନିୟନ୍ତାଙ୍କ ରଥଯାତ୍ରାକୁ ...

ଦାଖଲ କରାଯିବ ବୋଲି ସୂଚନା ମିଳିଛି। ଏହି ମାନ୍ୟତା ମିଳିଲେ କେବଳ ଯେ ରଥଯାତ୍ରାର ଲୋକପ୍ରିୟତା ବୃଦ୍ଧି ପାଇବ ତା ନୁହେଁ, ପାରଂପରିକ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଆହୁରି ସହଜ ହେବ ଏବଂ ସମ୍ଭବତଃ ଅଦିନିଆ ରଥଯାତ୍ରା ଉପରେ ବି ରୋକ୍ ଲାଗିପାରିବ ବୋଲି ଆଶା ସୃଷ୍ଟି ହୋଇଛି। ବଡ଼ ଠାକୁର...ବଡ଼ ଦାଣ୍ଡ...ବଡ଼ ବଡ଼ ତିନି ଦିବ୍ୟ ରଥ...। ଏ ପରଂପରା... ଏ ପ୍ରାଚୀନତା... ଏ ଭବ୍ୟତା...; ନା ଆଉ କେଉଁଠି ଥିଲା... ନା ଅଛି... ନା ଆଗକୁ ରହିବ। ପୁରୀ ରଥଯାତ୍ରାର ସାଂସ୍କୃତିକ ବୈଭବକୁ ଆହୁରି ଗରିମାମଣ୍ଡିତ କରିବାକୁ ଆରମ୍ଭ ହୋଇଛି ବଡ଼ ପ୍ରୟାସ। ବିଶ୍ୱନିୟନ୍ତାଙ୍କ ରଥଯାତ୍ରାକୁ ମିଳିପାରେ ବିଶ୍ୱସ୍ତରୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ୟୁନେସ୍କୋ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ ଉଦ୍ୟମ ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଉପରେ ବି ଲାଗିପାରେ ସବୁଦିନିଆ ରୋକ୍ ନବଦିନାତ୍ମକ ରଥଯାତ୍ରାର ୟୁନେସ୍କୋ ଇନଟାଞ୍ଜିବଲ୍ କଲଚରାଲ୍ ହେରିଟେଜ୍ ବା ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ହାସଲ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନାମାଙ୍କନ ପତ୍ର ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ନିକଟରେ ଦିଲ୍ଲୀ ଗସ୍ତ ଅବସରରେ ଏନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସକାରାତ୍ମକ ରହିଥିବା ବେଳେ, ଖୁବଶୀଘ୍ର ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି। ଏଦିଗରେ ଉଦ୍ୟମ ଜାରି ରହିଛି ବୋଲି ଆଇନ ମନ୍ତ୍ରୀ ପ୍ରତିକ୍ରିୟା ରଖିଥିବା ବେଳେ, ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଶ୍ରୀମନ୍ଦିରର ବରିଷ୍ଠ ସେବକ ଓ ଶ୍ରଦ୍ଧାଳୁ। ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୟୁନେସ୍କୋ। ଏହାର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ବା ଓଉଐ ତାଲିକାରେ ରହିଛି ଭାରତର ୧୫ଟି ପ୍ରାଚୀନ ଉତ୍ସବ, ପରଂପରା, କଳା ଓ ସଂଗୀତ ଇତ୍ୟାଦି। ୨୦୦୮ରେ ପ୍ରଥମେ ସଂସ୍କୃତ ନାଟକ, ରମଲୀଳା ଓ ବେଦ ପାଠ ସାମିଲ ହୋଇଥିବା ବେଳେ, କ୍ରମେ ଏହି ତାଲିକାରେ ଯୋଡ଼ି ହୋଇଛି ଯୋଗ, କୁମ୍ଭମେଳା, କୋଲକାତା ଦୁର୍ଗାପୂଜା ଏବଂ ଗୁଜରାଟର ଗରବା ଇତ୍ୟାଦି । ଓଡ଼ିଶା କଥା ଦେଖିଲେ ୨୦୧୦ରେ ଛଉନୃତ୍ୟକୁ ମିଳିଛି ଏହି ମାନ୍ୟତା, ଯାହା ଷଢ଼େଇକଳା ଓ ପୁରୁଲିଆ ସହ ମୟୂରଭଞ୍ଜରେ ପ୍ରଦର୍ଶିତ ହୁଏ। ତେବେ ଏହି ତାଲିକାରେ ଓଡ଼ିଶାର ସବୁଠୁ ବଡ଼ ଯାତ୍ରା ରଥଯାତ୍ରା ସାମିଲ ହେଲେ, କେବଳ ଯେ ଏହାର ବୈଶ୍ୱିକ ମାନ୍ୟତା ଓ ଲୋକପ୍ରିୟତା ବୃଦ୍ଧି ପାଇବ ତା ନୁହେଁ; ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗକୁ ବି ସୁନିଶ୍ଚିତ କରାଯିବ। ଯାହା ଫଳରେ ବିଭିନ୍ନ ସଂଗଠନ ପକ୍ଷରୁ ଦେଶ ବିଦେଶରେ ହେଉଥିବା ଅଦିନିଆ ରଥଯାତ୍ରା ଉପରେ ପ୍ରତିବନ୍ଧକ ଲାଗିପାରିବ ବୋଲି ଆଶା ପ୍ରକାଶ କରିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ।

### ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ...

ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାତି ଛୁଇଁଛି ୩୯ ଡିଗ୍ରୀ । ଝାରସୁଗୁଡାରେ ମାର୍ଚ୍ଚ ୪ ତାରିଖରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ସେହିଭଳି ଅନ୍ୟ ସହରରେ ବି ତାପମାତ୍ରା ଉପରମୁହାଁ ହୋଇଛି । ସେପଟେ ଏଥର ରେକର୍ଡ ଭାଙ୍ଗିବ ତାତି । ମାର୍ଚ୍ଚରୁ ମେ' ଯାଏଁ ସ୍ୱାଭାବିକ ଠାରୁ ଅଧିକ ରହିବ ଦିନ ତାପମାତ୍ରା । ମାର୍ଚ୍ଚରୁ ମେ' ମଧ୍ୟରେ ଗ୍ରୀଷ୍ମ ଲହର ଅବଧି ବୃଦ୍ଧି ସମ୍ଭାବନା ରହିଛି । ଅସ୍ୱାଭାବିକ ଗରମ ସାଙ୍ଗକୁ ପୂର୍ବ ରେକର୍ଡ ଭାଙ୍ଗିପାରେ ତାତି । ମାସ ତମାମ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରହିବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୂଚନା ଅନୁସାରେ, ସାଧାରଣତଃ ଫେବ୍ରୁଆରୀ ମାସ ବେଳକୁ ଶୀତ ପ୍ରକୋପ ରହିଥାଏ । ତେବେ ଚଳିତ ବର୍ଷ ଏହି ଧାରାରେ ବିରାମ ଲାଗିଥିଲା । ଚଳିତ ଫେବ୍ରୁଆରୀ ମାସ ବେଳକୁ ଶୀତ ଉଭାନ ହୋଇଯାଇଥିବା ବେଳେ ଫେବ୍ରୁଆରୀ ଆରମ୍ଭରୁ ତାପମାତ୍ରା ବୃଦ୍ଧି ପାଇଥିଲା । ଏବେଠୁ ଖରାର ପ୍ରକୋପ ଦେଖି ଆଗକୁ ତାତି ଆଗକୁ ବଢ଼ିବ ବୋଲି ଲୋକଙ୍କ ମନରେ ଛନକା ପଶିଲାଣି ।

### ଉପରାଷ୍ଟ୍ରପତି ଜଗଦୀପ...

କେୟାର ୟୁନିଟ୍ ରେ ଭର୍ତ୍ତି କରାଯାଇଛି । ଏକ ଡାକ୍ତରୀ ଟିମ୍ ଧନଖଡ଼ଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛନ୍ତି । ଏବେ ଉପରାଷ୍ଟ୍ରପତି ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସ୍ଥିର ଥିବା ସୂଚନା ମିଳୁଛି । ତାଙ୍କର ଅସୁସ୍ଥତା ଖବର ଜାଣିବା ମାତ୍ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀ ଏମ୍ସରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପତଞ୍ଜଳି ଯୋଗଶିକ୍ଷା କେନ୍ଦ୍ରରେ 'ବିଶ୍ୱ ମହିଳା ଦିବସ' ପାଳିତ

ବାଲେଶ୍ୱର, ୦୯/୩ (ନି.ପ୍ର): 'ପତଞ୍ଜଳି ପରିବାର' ପକ୍ଷରୁ ଚାନ୍ଦମାରି ପଡ଼ିଆସ୍ଥିତ ଯୋଗଶିକ୍ଷାକେନ୍ଦ୍ର ପରିସରରେ ଶନିବାର ଦିନ ସନ୍ଧ୍ୟାରେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଅନୁଷ୍ଠିତ ବୈଠକରେ ଗୁରୁମା' ଯଶୋମତୀ ଶିଅଳ ଯୋଗ ଦେଇ ମହିଳାମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଯୋଗ ଶିକ୍ଷୟିତ୍ରୀ ଶ୍ରୀମତୀ ଶିଅଳ ମତପ୍ରଦାନ କରିଥିଲେ। ସମାଜସେବୀ ତଥା ନାରୀନେତ୍ରୀ ସରସ୍ୱତୀ ପଣ୍ଡା ଗତ ୧୯୦୮ ମସିହାରେ ଆମେରିକାର ମହିଳାମାନେ ସର୍ବପ୍ରଥମେ ସଂଗଠିତ ଭାବେ କାର୍ଯ୍ୟକ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମାନତାର ଅଧିକାର ଦାବି କରିଥିଲେ। ତତ୍ପରେ ଗତ ୧୯୧୧ ମସିହାରେ ସମଗ୍ର ବିଶ୍ୱ ମହିଳାମାନଙ୍କର ଏହି ଦାବି ଓ ଅଧିକାରକୁ ସ୍ୱୀକାର କରି ବିଶ୍ୱବ୍ୟାପୀ ମହିଳା ଦିବସ ପାଳନ କରୁଛି ବୋଲି ସେ କହିଥିଲେ। ଯୋଗଗୁରୁ କରୁଣାକର ଶିଅଳ ଓ ଅକ୍ଷୟ କୁମାର ସାହୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରି ଅନ୍ତରାଷ୍ଟ୍ରିୟ ମହିଳା ଦିବସ ଓ ଯୋଗାଭ୍ୟାସର ଉପାଦେୟତା ସଂପର୍କରେ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ଯୋଗାଭ୍ୟାସ କେନ୍ଦ୍ରର ପରିଚାଳିକା ଦମୟନ୍ତୀ ଦାଶ ଓ ସୁସ୍ମିତା ଦାସମଙ୍ଗରାଜ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରୁଥିବାର କହିଥିଲେ। ସ୍ଥାନୀୟ ମହିଳାମାନେ ଅଧିକ ଭାବେ ସୁସଂଗଠିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ଇଂ. ଉମାଧର ପ୍ରଧାନ ଓ ରୟାଲ୍ କ୍ଲବ୍ ପକ୍ଷରୁ ସୁବ୍ରତ ଦାଶ ଏବଂ ସନ୍ତୋଷ ସେନ ପ୍ରମୁଖ ମହିଳାମାନଙ୍କୁ ସହଯୋଗ ପ୍ରଦାନ କରିଥିଲେ। ନିହାରିକା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱର ପୌରାଂଚଳର ବିଭିନ୍ନ ୱାର୍ଡରେ ଏକାଧିକ ଜନ କଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୦୯/୩ (ନି.ପ୍ର): ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ମାନସ କୁମାର ଦତ୍ତ ଅବିରତ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ବାଲେଶ୍ୱର ପୌରପାଳିକାର ୨୧ ଓ ୨୭ନଂ ୱାର୍ଡରେ ବିଭିନ୍ନ ଜନକଲ୍ୟାଣକାରୀ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଦେଇଛନ୍ତି ବିଧାୟକ ଶ୍ରୀ ଦତ୍ତ । ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ଦାବି ଓ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରଥମେ ୨୭ନଂ ୱାର୍ଡ ଅନ୍ତର୍ଗତ ମାଣିଖମ୍ବ ଅଂଚଳରେ ରାଜ୍ୟ ସରକାରଙ୍କ ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମାଧ୍ୟମରେ ସଦର ପଂଚାୟତ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଅପର୍ଣ୍ଣା ଯୁବକ ସଂଘ ଗୃହ ନିର୍ମାଣ ସମ୍ପୂର୍ଣ୍ଣୀକରଣ, ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସ୍ଥାନୀୟ ବାସୁଳୀ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣୀକରଣ, ୩ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସ୍ଥାନୀୟ ରାମକୃଷ୍ଣ ସେବା ସଂଘ କମ୍ୟୁନିଟି ସେଣ୍ଟରର ନିର୍ମାଣ ଓ ମରାମତି ପ୍ରଭୃତି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଥିଲେ । ସମସ୍ତ ପ୍ରକଳ୍ପକୁ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣରେ ପ୍ରୟାସ ଓ ପଦକ୍ଷେପ ପାଇଁ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ ୨୧ନଂ ୱାର୍ଡରେ ମୋଟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଗୁଡ଼ିପଦା ବିଦ୍ୟାଳୟର ନୂତନ ଗୃହ ନିର୍ମାଣ, ସ୍ଥାନୀୟ ଶିବ ମନ୍ଦିର ଓ ମହାବୀର ମନ୍ଦିରର ଉନ୍ନତିକରଣ ଏବଂ ମହାବଳୀ କ୍ଲବ ଗୃହର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ବିଧାୟକ ଶ୍ରୀ ଦତ୍ତ । ଉକ୍ତ ଦ୍ୱୟ କାର୍ଯ୍ୟକ୍ରମରେ କାଉନସିଲର ସୁଚିସ୍ମିତା ପଣ୍ଡା, ନିରୂପମା ଦାଶ, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, ଉପେନ୍ଦ୍ର ଶତପଥି, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଧୀରଜ ମହାନ୍ତି, ବିକାଶ ପାଢ଼ୀ, ସୌଭାଗ୍ୟ ମାନସ ନାୟକ, ଅଶୋକ ଦାସ, ଅମିତ ସେନ, କୁବେର ଚନ୍ଦ୍ର ନାୟକ, ସୁଶାନ୍ତ ସାହୁ, ଗୋକୁଳ ଜେନା, ସୁରଜକାନ୍ତ ରଣା, ନିତିନ ଦାସ, ଅବିନାଶ ସେଠି, ପବନ କମିଲା, ରଞ୍ଜନ ଦାସ, ପ୍ରତାପ ପ୍ରଧାନ, ସୁଜିତ ବାରିକ, ଭରତ ସିଂ, ଦିଲ୍ଲିପ ଦାସ, ରାଜେନ୍ଦ୍ର ସିଂ, ବିଧାନ ଗୋଛାୟତ, ଅକ୍ଷୟ ପାତ୍ର, କାହ୍ନୁ ରାଉତ, ସାଗରିକା ବାରିକ, ଗୀତାଞ୍ଜଳି ବେହେରା, ମନୀଷା ଦାସ, ସନ୍ଧ୍ୟା ସିଂ ପ୍ରମୁଖ ସ୍ଥାନୀୟ ଅଂଚଳବାସୀ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଆଜି ରାଜ୍ୟର ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର, ୦୯/୩ (ନି.ପ୍ର): ବିଗତ ୮ ମାସର ଡବଲ ଇଞ୍ଜିନ ସରକାର ରେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ପାଶବିକ ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି । ଏହାର ପ୍ରତିବାଦରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ । କଂଗ୍ରେସ ଦଳ ପକ୍ଷରୁ କୁହା ଯାଇଛି ଯେ ମା କୁ ସମ୍ମାନ , ବେଟି ପଢାଓ,ବେଟି ବଚାଓ କେବଳ ନାରାରେ ରହିଗଲା ।ଦୀର୍ଘ ୨୫ ବର୍ଷର ପୂର୍ବ ସରକାରରେ ପରି ଠୁଁ ଆରମ୍ଭ କରି ବେବିନା , ମାଧାବିଲତା,ମମିତା ଏବଂ କୁନ୍ଦୁଲି ପୀଡ଼ିତା ଭଳି ବହୁ ମହିଳା ନିର୍ଯ୍ୟାତିତ ହୋଇଛନ୍ତି ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




ବାସୁଦେବପୁର, ୦୯/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମୁଣ୍ଡା ବଜାର ନିକଟସ୍ଥ ମା ଜାହାଜ ମଙ୍ଗଳା ମନ୍ଦିର ପରିସରରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସଫେଇ କାର୍ଯ୍ୟକ୍ରମରେ ରମାକାନ୍ତ ସେବା ଫାଉଣ୍ଡେସନ ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ । ବାଲିମୁଣ୍ଡା କୃପାସିନ୍ଧୁ ସରକାରୀ ହାଇସ୍କୁଲ ପାଖ, ମନ୍ଦିର ପାଖ, ପାଣି ଟାଙ୍କି ପାଖ ଓ ପୋଖରୀ ପାଖରେ ଯେଉଁ ସବୁ ଅଳିଆ ଜମା ହୋଇ ଥିଲା ତାହାକୁ ଫାଉଣ୍ଡେସନ ର ସମସ୍ତ ସଦସ୍ୟ ସଫା କରିଥଲେ। ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟ କା ଣିଡିହି ପଞ୍ଚାୟତର ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ପ୍ରତ୍ୟେକ ରବିବାର ଦିନ ବିଭିନ୍ନ ସ୍ଥାନରେ ଦାୟିତ୍ୱ ନେଇ ପରିବେଶ ସଫା କରୁଛନ୍ତି ଓ ଏଥିରେ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି । ଆଗାମୀ ଦିନରେ ଏହି ଫାଉଣ୍ଡେସନ ପକ୍ଷରୁ ଅଧିକରୁ ଅଧିକ ସମାଜ ସେବା ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ ବାବୁ ପ୍ରକାଶ କରିଛନ୍ତି । ପିଣ୍ଟୁ ବାବୁ କୁହନ୍ତି ମାନବ ସେବା ହିଁ ମାଧବ ସେବା । ପରିବେଶ ସୁରକ୍ଷା କରିବା ଓ ପରିବେଶ କୁ ସଫା ସୁତୁରା ରଖିବା ଆମର ଧର୍ମ ହେଉ। ପରିବେଶ ସଫା ରହିଲେ ଆମର ଭାଇ ଭଉଣୀ ମାନଙ୍କୁ କୌଣସି ରୋଗ ହେବ ନାହିଁ।

# ହେଲ୍ପିଙ୍ଗ ହେଣ୍ଡସ୍ ସଂଘଠନ ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ




ଜଳେଶ୍ୱର, ୦୯/୩ (ନି.ପ୍ର): ରକ୍ତଦାନ ମହାପୁର୍ଣ୍ୟ,ରକ୍ତ ଦାନ କରି ବଞ୍ଚାଇବା ଜୀବନ କୁ ଆଧାର କରି ହେଲ୍ପିଙ୍ଗ ହେଣ୍ଡସ୍ ସଂଘଠନ ତରଫରୁ ବିଶାଳ ରକ୍ତଦାନ ଶିବିର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ।ସମାଜସେବୀ କମଳ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ସୈନିକ ତାରାପଦ ମହାନ୍ତି, ସମାଜସେବୀ ମନୋରଞ୍ଜନ ଦାସ,ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ଦିଲ୍ଲୀପ କୁମାର ପଣ୍ଡା,ମିହିର ପ୍ରଧାନ, ସଙ୍ଗଠନର ସଭାପତି ମହାପ୍ରସାଦ ପାତ୍ର,ସମ୍ପାଦକ ଦିବ୍ୟଜ୍ୟୋତି ମାହାନ୍ତି,କୋଷାଧକ୍ଷ ହିଂମାଶୁ ଶେଖର ଜେନା ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁପ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର କୁମାର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ଡ଼ାକ୍ତର ଆସୋତୋସ ପ୍ରଧାନ, ଟେକ୍ନିସିଆନ ଦେବାଶିଷ ଦତ୍ତ, ବସନ୍ତ ଜେନା,ପଲ୍ଲବୀ ମହାପାତ୍ର ରକ୍ତଦାତା ମାନଙ୍କ ରକ୍ତ ନମୁନା ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ। ସଞ୍ଜୀବ କୁମାର ପ୍ରାମାଣିକ, ଆଶିଷ ଦତ୍ତ, ଦେବସ୍ମିତା ଗିରି,ବାବୁଲୁ ମୁର୍ମୁ, ଜୟରାମ ଟୁଡୁ, ମୌସୁମୀ ପାଲ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଜିତ୍ ଜୟପ୍ରକାଶ ଜେନା, ରଶ୍ମିତା ଦେବନାଥ, ପୂର୍ଣ୍ଣିମା ଦେ, ସୁଷମା ସାହୁ, ସ୍ନେହଲତା ଭଞ୍ଜ, ନିନି ରାଣୀ ସାସମଲ,ଦୀପ୍ତି ରାଣୀ ଦେହୁରୀ, ସୁନୀତା ମାହାନ୍ତ, ଶୁଭଦ୍ରା ପାତ୍ର,ଦେବ ଶଙ୍କର ସାହୁ, ଟେଜସ୍ରି ସୋର, ତାପସ ପାତ୍ର, ଗୋପାଳ ଭୂୟାଁ, ସମ୍ୟରଞ୍ଜନ ପ୍ରଧାନ, ଦେବସଙ୍କର ସାହୁ, ତାପସ ଜେନା,ଶୁଭମ ଜେନା, ବିକ୍ରମ କେଶରୀ ଜେନା ପ୍ରମୁଖ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ। ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ବସ୍ତାରେ ଚଉଦ ମାଦଳ ଉପଲକ୍ଷେ ଶୋଭାଯାତ୍ରା

ବସ୍ତା, ୦୯/୩ (ନି.ପ୍ର): ବସ୍ତାରେ ଅଠରତମ ଚଉଦ ମାଦଳ ଉତ୍ସବ ଘଟ ଉତ୍ତୋଳନ ଆରମ୍ଭ ହୋଇ ଆଗାମୀ ଦଶ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ।ଏହି ଉପଲକ୍ଷେ ମହିଳା ମାନଙ୍କର ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।ଏହି ଉତ୍ସବକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ମିଶ୍ର ଉଦଘାଟନ କରିଥିଲେ।ଉତ୍ସବ କମିଟିର ସଭାପତି ଅବସର ପ୍ରାପ୍ତ ଏବିଡିଓ ଶଙ୍କର କୁମାର କର,ସମ୍ପାଦକ ବାସୁଦେବ ବେହେରା,କେଶବ ବେହେରା,ପ୍ରକାଶ କୁମାର ମହାନ୍ତି,ପ୍ରଦୀପ କୁମାର ପରିଡ଼ା,ଚନ୍ଦ୍ରମୋହନ ଜେନା ସମେତ ବହୁ ସଦସ୍ୟ ଉପସ୍ଥିତିରେ ତିନି ଶହ ରୁ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ।ଚାରୋଟି ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ହେବା ସହିତ ପ୍ରତିଦିନ ସନ୍ଧ୍ୟାରେ ମେଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଆସନ୍ତା କାଲି ମାର୍ଚ୍ଚ ୧୦ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମହିଳା ଦିବସରେ ସ୍ୱାବଲମ୍ବୀ ମହିଳାଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା



ବାରିପଦା, ୦୯/୩ (ନି.ପ୍ର): ଆନ୍ତର୍ଜାତିକ ମହିଳା ଦିବସ (ମାର୍ଚ୍ଚ ୮) ଅବସରରେ ଶନିବାର ଦିନ ଜୀବନରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିଥିବା ମହିଳାମାନଙ୍କୁ ବିଜେପି ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ତକତପୁର ସ୍ଥିତ ଦଳର ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସରୋଜିନୀ କିସ୍କୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସାଫଲ୍ୟଲବ୍ଧ ମହିଳାମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। ସମ୍ବର୍ଦ୍ଧିତ ମହିଳାଙ୍କ ମଧ୍ୟରେ ହିମାନି ପାତ୍ର, ରାକ୍ଷୀ ପ୍ରିୟା ମହାନ୍ତି, ମମତା ରାଣୀ ଘୋଷ, କଳ୍ପନା ଜେନା, ଅଙ୍ଗୁରି ବିବି, ସୁମିତ୍ରା ବାରିକ, ଜୟନ୍ତୀ ମହାନ୍ତ, ବୀଣାପାଣି ହାଁସଦା, ରଶ୍ମିତା ମଲ୍ଲିକ, ହେମଲତା ପତି ଓ ସାବିତ୍ରୀ ରାଉତ ପ୍ରମୁଖ ସ୍ଥାନ ପାଇଥିବା ଜଣାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ବିଜେପିର ଜିଲ୍ଲା ସଭାପତି ନିହାର ମୋଦି, ପୂର୍ବତନ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ଦଳର ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବିଜେପି ଜିଲ୍ଲା ଉପସଭାପତି ଶୋଭାବତୀ ଓତା ତଥା ମମତା ମଣ୍ଡଳ, ଲକ୍ଷ୍ମୀ ସାହୁ, ଲକ୍ଷ୍ମୀଧର ହାବୋଡ଼ା ଓ ପ୍ରବୀଣ ପାତ୍ର ପ୍ରମୁଖ ବହୁ ବରିଷ୍ଠ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# 'ଇନରହୁଇଲ' ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଉଦଳା, ୦୯/୩ (ନି.ପ୍ର): ଇନରହୁଇଲ କ୍ଲବ ଉଦଳା ଶାଖା ତରଫରୁ ଚଳିତ ମାର୍ଚ୍ଚ ୮ ତାରିଖ ଶନିବାର ଦିନ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଉଦଳାସ୍ଥିତ କ୍ଲବର କାର୍ଯ୍ୟାଳୟ ପରିସରରେ ସଭାପତି ଗୀତାଶ୍ରୀ ରାୟଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଆଲୋଚକ ଭାବେର ଅନୁରାଧା କବାଟ, ଆଜକୁ ୨୫୦ ବର୍ଷ ପୂର୍ବେ ରଚନା କରାଯାଇଥିବା 'ରେବତି' ଗଳ୍ପର ବାସ୍ତବ ଚିତ୍ର ଆଜିବି କିପରି ଦେଖିବାକୁ ମିଳୁଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ମିନାକ୍ଷୀ ମହାନ୍ତି ଓ ସୁଜାତା ବିଶ୍ୱାଳ କପ୍ତିପଦା ଉପଖଣ୍ଡ ମଧ୍ୟେର ବସବାସ କରୁଥିବା ବହୁସଂଖ୍ୟାରେ ବିଧବା ମା' ଓ ବୟସ୍କ ଅବିବାହିତା କନ୍ୟା ଆଜିବି କିପରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି ବ୍ୟକ୍ତ କରିବା ସହ ତାଙ୍କର ଦୁଃଖଦାୟକ ଜୀବନ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ନପୂର୍ଣ୍ଣା ପଣ୍ଡା ଓ ସୁବାସିନି ପୁଥାଳ, ବାଲ୍ୟବିବାହ ଗ୍ରାମାଂଚଳେର କିପରି ବଢ଼ିଚାଲିଛି କହିବା ସହ ଏହାଦ୍ୱାରା ଶିଶୁ କନ୍ୟା ମାନଙ୍କର ଜୀବନ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଉଛି ବୋଲି ବ୍ୟକ୍ତ କରିଥିଲେ । ଜୟନ୍ତି ପଟ୍ଟନାୟକ ପ୍ରାରମ୍ଭେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ବେତନଟୀ ଭବ୍ୟ ସ୍ୱାଗତ

ବେତନଟୀ, ୦୯/୩ (ନି.ପ୍ର): ବାରିପଦାରୁ ବାହାରିଥିବା ବଳାଙ୍ଗୀ ମହୋତ୍ସବ କମିଟିର ନବମ ବାର୍ଷିକ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ଆଜି ମଧ୍ୟାହ୍ନରେ ବେତନଟୀରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବେତନଟୀ ବ୍ଲକ୍? ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନାରେ ପ୍ରଥମେ ରଥକୁ ବଜାର ପରିକ୍ରମା କରାଯାଇ ବେତନଟୀ ଡାକବଙ୍ଗଳାଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବେତନଟୀ ବ୍ଲକ୍ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କର ସ୍ମୃତିଚାରଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଘର ଅଧ୍ୟକ୍ଷ ଅଜୟ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ , ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନ ର ସଭାପତି ସଂଯୁକ୍ତା ଜୀ , କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁ, ମୟୂରଭଞ୍ଜ ଜିଲ୍ଲା ଇକୋକ୍ଲବର ଜିଲ୍ଲା ସଂଯୋଜକ ତଥା ମାଷ୍ଟର ଟ୍ରେନର ଡ଼କ୍ଟର ରମାକାନ୍ତ ମହାନ୍ତ, କଇଁଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ନରେନ୍ଦ୍ର କୁମାର ସେନାପତି ଓ ଓଜେୟୁର ଉପସଭାପତି ଦୀପକ କୁମାର ନାୟକ ,ବିଜେପି ମଣ୍ଡଳ ସଭାପତି ଜୀବନ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ ଓ ବଳାଙ୍ଗୀ ମହୋତ୍ସବର ଉପଦେଷ୍ଟା ନରେନ୍ଦ୍ର କୁମାର ସେନାପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଓକିଲ ସଂଘ ର ସମ୍ପାଦକ ପ୍ରବୀର ବାରିକ, କିଶୋର ଆଚାର୍ଯ୍ୟ, ସୂର୍ଯ୍ୟାନନ୍ଦ ନାୟକ, ପୂର୍ବତନ ବ୍ଲକ ସଭାପତି ସୁନ୍ଦର ମୋହନ ମହାନ୍ତ , ସାମ୍ବାଦିକ ଆଶିଷ ଦାସ, ହରିଶ୍ଚନ୍ଦ୍ର ସାମଲ, ସଞ୍ଜୟ କୁମାର ଭୂୟାଁ, ପଦ୍ମମାଳୀର ସଦସ୍ୟ ପ୍ରଭାତି ମହାନ୍ତି, ଗୀତାଞ୍ଜଳୀ ଭୂୟାଁ, ସୋନା ଖାତୁନ, କୁମୁଦିନୀ ମହାନ୍ତ, ମନିଲତା ବଳା,ଅନିନ୍ଦିତା ସାହୁ, ବିନୋଦିନୀ ମହାନ୍ତ, ରଶ୍ମିତା ଦାସ , ହରପ୍ରିୟା ଦାସ, କୁମୁଦିନୀ ମହାନ୍ତ , ଅନିତା ଜେନା, ସୁଶିଳା ବାରିକ, ଚନ୍ଦ୍ର ଶେଖର ବେରା, ମନୋଜ କୁମାର ପଣ୍ଡା,କେଶବ ଦାସ, ସଂଜୀବ ଜେନା, ନରତ୍ତୋମ ମହାନ୍ତ , ଶାନ୍ତନୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରତିଭା ଅନ୍ୱେଷଣ କରୁଛି ବିକେ ଫାଉଣ୍ଡେସନ

ବସ୍ତା , ୦୯/୩ (ନି.ପ୍ର): ଗ୍ରାମାଞ୍ଚଳରେ ଲୋକାୟିତ ପ୍ରତିଭା ଙ୍କୁ ଚିହ୍ନଟ କରି ସେମାନଙ୍କୁ ଉତ୍ସାହିତ କରିବା ଓ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ ବିକେ ଫାଉଣ୍ଡେସନ ପକ୍ଷରୁ ସଂଗଠନର ପ୍ରତିଷ୍ଠାତା ତଥା ସହକାରୀ ଶିକ୍ଷକ ବସନ୍ତ କୁମାର ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବସ୍ତା ବ୍ଲକ କରୁଆ ପଞ୍ଚାୟତ ବାଗପଞ୍ଚମୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣିତ, ବିଜ୍ଞାନ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ସହିତ କ୍ରୀଡା ପ୍ରତିଯୋଗିତା କରି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଜୁନିଅର ଓ ସିନିୟର୍ ବିଭାଗ ରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଂଘା କିସ୍କୁ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନନ୍ଦୀ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଦାମୋଦର ଜେନା , ସମିତି ସଦସ୍ୟା ଙ୍କ ପ୍ରତିନିଧି ହେମନ୍ତ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଅରୁଣ କୁମାର ପାତ୍ର, ଶ୍ରୀଧର ରାଉଳ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ , ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଭୂୟସୀ ପ୍ରଶଂସା କରି କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ । ସ୍ଥାନୀୟ ୟଙ୍ଗ ଷ୍ଟାର ଯୁବକ ସଂଘ ଓ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିବା ବେଳେ, ବିକେ ଫାଉଣ୍ଡେସନ ର ପ୍ରତିଷ୍ଠାତା ଶିକ୍ଷକ ବସନ୍ତ କୁମାର ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida